ବର୍ଷ-୨୪, ସଂଖ୍ୟା-୧୫୯
ଭୁବନେଶ୍ୱର
୦୭ ଜୁଲାଇ, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 159
Bhubaneswar
07 July, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଆଜି ରଥଯାତ୍ରା



**ପୁରୀ,୬।୭(ମହାଭାରତ):** ରାତି ପାହିଲେ ମହାପ୍ରଭୁଙ୍କ ଘୋଷଯାତ୍ରା। ସେଥିପାଇଁ ରଥ ପ୍ରସ୍ତୁତ ପଥ ମଧ୍ୟ ପ୍ରସ୍ତୁତ। ଶ୍ରୀମନ୍ଦିର ସିଂହଦ୍ୱାର ଆଗରେ ଦଣ୍ଡାୟମାନ ହୋଇଛି ସୁସଜ୍ଜିତ ତିନି ରଥ। ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ସହ ଦଉଡ଼ି ଟାଣି ଜୀବନକୁ କୃତାର୍ଥ କରିବାକୁ ଭକ୍ତପ୍ରାଣ ଉଚ୍ଛନ୍ନ। ବିରଳ ସଂଯୋଗକ୍ରମେ ୫୩ ବର୍ଷ ପରେ ଏଥର ୨ ଦିନ ଧରି ଚାଲିବ ରଥଟଣା।ସେଥିପାଇଁ ସଅଳ ନୀତିକାନ୍ତି ସହ ଶୃଙ୍ଖଳାର ସହ କେମିତି ରଥଯାତ୍ରା ସଂପନ୍ନ ହେବ ତା ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ।

ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରାଇଛନ୍ତି। ତେବେ ଚଳିତ ବର୍ଷ ତିଥି କ୍ଷୟ ଯାଉଥିବାରୁ ଶ୍ରୀଗୁଣ୍ଡିଚା ଦିନ ଶ୍ରୀବିଗ୍ରହଙ୍କ ନବଯୌବନ ଓ ନେତ୍ର ଉତ୍ସବ ଅନୁଷ୍ଠିତ ହେବ। ତେଣୁ ଚଳିତ ବର୍ଷ ଶ୍ରୀବିଗ୍ରହଙ୍କ ଠାରୁ ରଥ ଖଳାକୁ ଆଜ୍ଞାମାଳ ନଆସି ପଟି ଦିଅଁଙ୍କ ନିକଟରୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ରଥତ୍ରୟ ନିକଟକୁ ବିଜେ କରାଇଛନ୍ତି। ପରମ୍ପରା ଅନୁଯାୟୀ, ରଥରେ ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ କ୍ରମ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଏବଂ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ତାଳଧ୍ୱଜ ରଥରେ ବିଜେ କାହାଳୀ ଦିଆଯିବା ପରେ ତିନିରଥ ଶ୍ରୀମନ୍ଦିର ନିକଟକୁ ଅଣାଯାଇଥିଲା। ତେବେ ପରମ୍ପରା ଅନୁଯାୟୀ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ବା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଟଣାଯାଇଥିଲା। ପରେ ସୁଭଦ୍ରାଙ୍କ ଦେବଦଳନ ରଥ ଏବଂ ଶେଷରେ ବଡ ଠାକୁରଙ୍କ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅଣାଯାଇଥିଲା। ପୁଲିସ ବାହିନୀ, ସେବାୟତ ଓ ଭକ୍ତଙ୍କ ସହାୟତାରେ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିଲା। ଚଳିତ ବର୍ଷ ନବଯୌବନ ଦର୍ଶନରୁ ବଞ୍ଚିତ ହେବେ ଭକ୍ତ।

୧୩ ଦିନ ଅନବସର ପରେ ଭକ୍ତ ମାନେ ରଥ ଉପରେ ଦର୍ଶନ କରିବେ ଚତୁର୍ଦ୍ଧାବିଗ୍ରହଙ୍କୁ। ୫୩ ବର୍ଷ ପରେ ମହାପ୍ରଭୁଙ୍କ ସେହି ନିଆରା ରଥଯାତ୍ରା ଅନୁଷ୍ଠିତ ହେବ। ଯାହାଫଳରେ ଗୋଟିଏ ଦିନରେ ନେତ୍ର ଉତ୍ସବ, ନବଯୌବନ ଓ ଶ୍ରୀଗୁଣ୍ଡିଚା ଯାତ୍ରାର ନୀତି କାନ୍ତି କରାଯିବ। ଏଥିନିମନ୍ତେ ଆଜିଠୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତାକାଲି ରାତ୍ର ୨ ଟାରୁ ଦ୍ୱାର ପିଠାଯିବ । ୨ ଟା ୪୦ରେ ଦଶବତାର ଠାକୁର ବାହୁଡ଼ା ବିଜେ,୩ ଟାରେ ତାଟି ପିଠାଯିବ,ପ୍ରତ୍ୟୁଷ ୪ଟା ରେ ନେତ୍ରଉତ୍ସବ ବନ୍ଦାପନା କରାଯିବ,୪.୪୫ରେ ଯାତ୍ରାଙ୍ଗି ମହାସ୍ନାନ,ସକାଳ ୬ ରୁ ୭ ଟା ଗୋପାଳ ବଲ୍ଲଭ ଓ ସକାଳ ଧୂପ,୭. ୩୦ରୁ ୧୨ ଟା ସେନାପଟା ଲାଗି, ଦିନ ୧୧ ଟାରେ ରଥ ପ୍ରତିଷ୍ଠା,ଦିନ ୧ ଟାରେ ମଙ୍ଗଳା ଅର୍ପଣ, ୧. ୧୦ରେ ପହଣ୍ଡି ଆରମ୍ଭ ହୋଇ ୨ ଟା ୩୦ରେ ଶେଷ, ଦିନ ୩ଟାରେ ଶ୍ରୀ ମଦନ ମୋହନ, ରାମକୃଷ୍ଣ ବିଜେ,୪ ଟାରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ପରେ ଚେରମାଳ ପିଟାହେବା ସହ ସାରଥୀ, ଘୋଡା ଲଗାଯିବ ରଥରେ ପରେ ସନ୍ଧ୍ୟା ୫ ଟାରେ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଚଳିତ ବର୍ଷ ୭ ଓ ୮ ତାରିଖ ଦିନ ରଥ ଟଣାଯିବ। ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ପୁଲିସ ପ୍ରଶାସନ ପକ୍ଷରୁ। ୧୮୦ପ୍ଲାଟୁନ ଫୋର୍ସ ମୁତୟନ ହେବା ସହ ସମ୍ପୂର୍ଣ୍ଣ ପୁରୀ ସହରକୁ ବ୍ଲୁ ବ୍ଲାଙ୍କେଟ ସୁରକ୍ଷା ବଳୟରେ ରଖାଯିବ। ସେପଟେ ଆସନ୍ତାକାଲି ଦିନ ୧୧ ଟା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ରହିଛି । ଦିନ ୧୧ ଟା ସମୟରେ ସମଙ୍ଗରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ଼ ଠାରେ ସ୍ୱତନ୍ତ୍ର ବାୟୁସେନା ରେ ପହଁଚିବେ। ସେଠାରୁ ସିଧାସଳଖ ରାଜଭବନ ଯିବାର କାର୍ଯ୍ୟକ୍ରମ ରହିଛି। ୪ଟା ୪୦ରୁ ଟା ୫ଟା ୪୦ ମଧ୍ୟରେ ରାଷ୍ଟ୍ରପତି ରଥଯାତ୍ରା ଉତ୍ସବରେ ଯୋଗଦାନ କରିବେ। ଏଥିନିମନ୍ତେ ସମ୍ପୂର୍ଣ୍ଣ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି।

## ଶୀତଳଭଣ୍ଡାର ନେଇ ବଡ ନିଷ୍ପତ୍ତି

**ଭୁବନେଶ୍ୱର,୬।୭(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୃଷକ ମାନଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ବିଭିନ୍ନ କୃଷକ ସଂଗଠନ ମାନଙ୍କ ସହିତ ଆଲୋଚନା କରି ଅନେକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ସହିତ କୃଷି ଭବନ ପରିଦର୍ଶନ କରିଥିଲେ ।ଆଲୋଚନା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପି. ଏମ. କିସାନ ଯୋଜନାରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ଅଛନ୍ତି କିନ୍ତୁ ସାମିଲ ହୋଇ ପାରି ନାହାଁନ୍ତି, ସମସ୍ତଙ୍କୁ ସାମିଲ କରାଯିବ। ଏଥିପାଇଁ ସରକାର ଆବଶ୍ୟକ ବ୍ୟବସ୍ଥା ଓ ନିୟମ ପ୍ରସ୍ତୁତ କରୁଛନ୍ତି। ସେହିପରି ପ୍ରଥମେ ୫୮ ଟି ସବ୍ ଡିଭିଜନରେ କୋଲ୍ଡ ଷ୍ଟୋର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ପ୍ରତ୍ୟେକ ସବ୍ ଡିଭିଜନରେ ଗୋଟିଏ ଗୋଟିଏ କୋଲ୍ଡ ଷ୍ଟୋର ହେବା ଦ୍ୱାରା ସବୁ ଅଞ୍ଚଳର ଚାଷୀ ମାନେ ଲାଭବାନ ହୋଇ ପାରିବେ ବୋଲି ସେ କହିଥିଲେ।

# ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି



**ଭୁବନେଶ୍ୱର,୬।୭(ମହାଭାରତ):** ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ଭୁବନେଶ୍ୱରରେ ପହଂଚିଛନ୍ତି। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରାଣା ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଓଡିଶା ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ବିମାନ ବନ୍ଦରରୁ ସିଧାସଳଖ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଯାଇ ସେଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇଛନ୍ତି। ଏହାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜଭବନରେ ରାତ୍ରୀ ଯାପନ କରିଛନ୍ତି। ଆସନ୍ତାକାଲି ସେ ପୁରୀ ଯାଇ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେବେ। ଆସନ୍ତାକାଲି ସେ ପୁରୀ ରାଜଭବନରେ ରହିବେ। ସୋମବାର ପୁଣି ଭୁବନେଶ୍ୱର ଫେରି ଉଦୟଗିରି ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ବିଭୂତି କାନୁନଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ ଏବଂ ଭୁବନେଶ୍ୱର ଉପକଣ୍ଠସ୍ଥ ହରିଡାମଡା ଗାଁରେ ବ୍ରହ୍ମ କୁମାରୀ ପକ୍ଷରୁ ନିର୍ମିତ ଡିଭାଇନ୍ ରିଟ୍ରିଟ୍ ସେଂଟରର ଉଦଘାଟନ କରିବେ। ଓଡିଶା ଗସ୍ତର ଶେଷ ଦିନ ଅର୍ଥାତ୍ ଜୁଲାଇ ୯ ତାରିଖରେ ରାଷ୍ଟ୍ରପତି ନାଇଜର ଭୁବନେଶ୍ୱରର ୧୩ତମ ସ୍ନାତକ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ୨୩ରେ କେନ୍ଦ୍ରୀୟ ବଜେଟ୍

**ନୂଆଦିଲ୍ଲୀ,୬।୭(ଏଜେନ୍ସି):** କେନ୍ଦ୍ରରେ ମୋଦୀ ସରକାର ପୁଣିଥରେ କ୍ଷମତାକୁ ଆସିବା ପରେ, ଏବେ ଆସିବାକୁ ଯାଉଛି କେନ୍ଦ୍ରୀୟ ବଜେଟ୍। ଆସନ୍ତା ଜୁଲାଇ ୨୩ରେ ଆସିବ କେନ୍ଦ୍ରୀୟ ବଜେଟ୍। ଏହିଦିନ ଲୋକସଭାରେ ବଜେଟ୍ ଉପସ୍ଥାପନ କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ମିଳିଥିବା ସୂଚନା ମୁତାବକ, ୧୮ ତମ ଲୋକସଭାର ବଜେଟ୍ ଅଧିବେଶନ ଜୁଲାଇ ୨୨ ତାରିଖରୁ ଆରମ୍ଭ ହେଇ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।ଏନେଇ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଟୁଇଟ୍ କରି ସୂଚନା ଦେଇଛନ୍ତି।




# ୯ରେ ରତ୍ନଭଣ୍ଡାର ନେଇ ଚୂଡ଼ାନ୍ତ ନିଷ୍ପତ୍ତି

**ପୁରୀ,୬।୭(ମହାଭାରତ):** କେବେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲିବ, ସେନେଇ ନିଷ୍ପତ୍ତି ଆଗାମୀ ୯ ତାରିଖରେ ନିଆଯିବ। ଆଜିର ବୈଠକ ପରେ ଏହି ସୂଚନା ଦେଇଛନ୍ତି ରତ୍ନଭଣ୍ଡାର ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ। ସେ କହିଛନ୍ତି, ଆଗାମୀ ୯ ତାରିଖରେ କମିଟିର ଦ୍ୱିତୀୟ ବୈଠକ ସକାଳ ୧୦ଟାରେ ହେବ। ଡୁପ୍ଲିକେଟ୍ ଚାବି ଟ୍ରେଜେରିରେ ରହିଛି। ଦୁଇ ଦଶନ୍ଧି ହେଲାଣି, ତାଲା ଖୋଲାଯାଇନାହିଁ। ଏଣୁ ଯଦି ଉକ୍ତ ଚାବିରେ ରତ୍ନଭଣ୍ଡାର ଖୋଲିବ ନାହିଁ, ତେବେ ତାଲା ଭଙ୍ଗାଯିବ। ଏନେଇ ଏସଓପି ଜାରି କରାଯିବ। ୯ ତାରିଖରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଏହି ଚାବିକୁ କମିଟି ଆଗରେ ରଖିବେ। ଚାବି ଉପସ୍ଥାପନ ପରେ ରତ୍ନଭଣ୍ଡାର ଖୋଲାଯିବ ନିଷ୍ପତ୍ତି ହେବ।



ସେ ଆହୁରି କହିଛନ୍ତି, 'ଶ୍ରୀଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ବୈଠକରେ ୧୮ଜଣ ପ୍ରତ୍ୟକ୍ଷ ଉପସ୍ଥିତିରେ ରତ୍ନଭଣ୍ଡାର ସମ୍ପର୍କୀତ ସମସ୍ତ ଦିଗକୁ ଅନୁଧ୍ୟାନ କରାଯିବା ସହ ସମସ୍ତ ନଥିପତ୍ର ଯାଞ୍ଚ କରାଯାଇଛି। ଏହା କରାଯିବା ପରେ କମିଟି କିଛି ନିଷ୍ପତ୍ତିରେ ଉପନୀତ ହୋଇଛି। ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ଥିବା ସ୍ପଷ୍ଟ ହୋଇଛି।

ଏହାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅନୁଧ୍ୟାନରେ ଅଣାଯିବ ଏବଂ ରତ୍ନଭଣ୍ଡାର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ଯେହେତୁ ଚାବି ଦୀର୍ଘ ଦିନର ହେଲାଣି ତେଣୁ ଏଥିରେ ହୁଏତ କଳଙ୍କି ଲାଗିଥାଇପାରେ। ଯଦି ଏହି ଚାବିରେ ରତ୍ନଭଣ୍ଡାର ନଖୋଲେ ତାହେଲେ ତାଲା ଭଙ୍ଗାଯିବ। ଏନେଇ ସରକାରଙ୍କୁ ଜଣାଇଦେବା ପରେ ତାଙ୍କ ପକ୍ଷରୁ ଯେଉଁ ଏସଓପି ଜାରି କରାଯିବ, ଯାହାକୁ ନେଇ ନିଷ୍ପତ୍ତି କାର୍ଯ୍ୟକାରୀ ହେବ।

ଏହାପରେ ପ୍ରଥମ କାମ ଭାବେ ରତ୍ନଭଣ୍ଡାରର ମରାମତି କରାଯିବ। ଏହାପରେ ସେଠାରେ ଥିବା ବହୁମୂଲ୍ୟ ଅଳଙ୍କାରର ମଣତି ଗଣତି କରାଯିବ। କିନ୍ତୁ ମରାମତି କାମ ପାଇଁ ଆବଶ୍ୟକ ପଡ଼ିଲେ ସୁନା ଅଳଙ୍କାରକୁ କେଉଁଠାରେ ସୁରକ୍ଷିତ ରଖାଯିବ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେବେ ମଣତି ଗଣତି ପାଇଁ ଜଣେ ଦକ୍ଷ ବଣିଆଙ୍କୁ ଅଣାଯିବ ଯିଏକି ଅଳଙ୍କାରଗୁଡ଼ିକର ସଠିକ ଓଜନ କରିବା ସହ ଅଳଙ୍କାର ଗୁଡ଼ିକର ଚରିତ୍ର ନିର୍ଦ୍ଧାରଣ କରିପାରିବେ। ଗହଣାର ଗଣତି, ମଣତି କିପରି କରାଯିବ, ସେନେଇ ମଧ୍ୟ ପୃଥକ୍ ସବ୍ କମିଟି ଗଠନ କରାଯିବ । ପୂର୍ବଥର ୭୦ ଦିନରୁ ଅଧିକ ସମୟ ଲାଗିଥିଲା । ତେବେ ଏଥର ଉନ୍ନତ ଟେକ୍ନୋଲୋଜିର ବ୍ୟବହାର କରାଯାଉଥିବାରୁ ଗଣତି ମଣତି କାର୍ଯ୍ୟ ଶୀଘ୍ର ସରିବା ଆଶା କରାଯାଉଛି । ଏହି ଗଣତି, ମଣତିରେ କିଏ ରହିବେ ସେନେଇ ଆମେ କେବଳ ପରାମର୍ଶ ଦେବୁ । ମହାପ୍ରଭୁ ରଥଯାତ୍ରା ସାରି ଶ୍ରୀମନ୍ଦିରକୁ ଫେରିବା ପୂର୍ବରୁ ଏହି ଗହଣା ସିଫ୍ଟ ହେବ ବୋଲି ଆଶା କରାଯାଉଛି । ଗହଣା ସିଫ୍ଟ ହେବା ପରେ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ । ସେହିପରି ପ୍ରଥମତଃ ଠାକୁରଙ୍କ ନୀତିକାନ୍ତି ଏବଂ ଦ୍ୱିତୀୟରେ ଶ୍ରଦ୍ଧାଳୁଙ୍କ ଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ରତ୍ନଭଣ୍ଡାର ଯାଂଚ୍ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଶ୍ରୀ ରଥ କହିଛନ୍ତି।

# ଜବରଦଖଲମୁକ୍ତ ହେବ ସରକାରୀ ଜମି

**ଭୁବନେଶ୍ୱର,୬।୭(ମହାଭାରତ):** ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାରୀ ଜମିଗୁଡ଼ିକୁ ଜବରଦଖଲମୁକ୍ତ କରିବାକୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସହର ଓ ଗାଁରେ ଜବରଦଖଲରେ ଥିବା ସରକାରୀ ଜମିଗୁଡ଼ିକୁ ଚିହ୍ନଟ କରି ପ୍ରଚଳିତ ଆଇନ ଅନୁସାରେ ତାକୁ ଜବରଦଖଲମୁକ୍ତ କରିବାକୁ କୁହାଯାଇଛି। ଏହାସହିତ ଉକ୍ତ ସରକାରୀ ଜମିଗୁଡ଼ିକୁ ତାରବାଡ଼ ଘେରାଇ ତାହା ସରକାରଙ୍କ ସମ୍ପତ୍ତି ବୋଲି ସ୍ପଷ୍ଟ ଭାବେ ଡିସପ୍ଲେ ବୋର୍ଡ ଲଗାଇବାକୁ ପରାମର୍ଶ ଦିଆଯାଇଛି ।

ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ରାଜ୍ୟରେ ବହୁ ପରିମାଣର ସରକାରୀ ଜମି ଜବରଦଖଲରେ ରହିଥିବା ନେଇ ଉଚ୍ଚସ୍ତରୀୟ ବୈଠକରେ ସରକାର ଚିନ୍ତା ପ୍ରକଟ କରିଥିବା ସମ୍ପର୍କରେ ଅବଗତ କରାଇଛନ୍ତି। ଭୂସମ୍ବଳର ସୁପରିଚାଳନା ଓ ବିକାଶମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଅର୍ଥନୀତିକ କାର୍ଯ୍ୟ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ହେଉଛି ପ୍ରଶାସନର ପ୍ରାଥମିକ କାମ ବୋଲି କହିଛନ୍ତି। ତେବେ ବହୁ ପରିମାଣର ସରକାରୀ ଜମି ଉଭୟ ସହର ଓ ଗାଁରେ ଜବରଦଖଲରେ ରହିଛି। ଯାହାଫଳରେ ବିକାଶମୂଳକ କାର୍ଯ୍ୟ ପାଇଁ ଜମି ଆବଣ୍ଟନରେ ସମସ୍ୟା ହେଉଛି । କେତେକ ଜମିରେ ବେଆଇନ ଜବଦରଖଲ ଯୋଗୁ ଆଇନଗତ ସମସ୍ୟା ମଧ୍ୟ ଲାଗି ରହିଛି ଯାହାକି ଏକ ଚ୍ୟାଲେଞ୍ଜ ପାଲଟିଛି ।




# ଗୋପବନ୍ଧୁ ଜାତୀୟତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିଲେ : ରାଷ୍ଟ୍ରପତି



**ଭୁବନେଶ୍ୱର,୬।୭(ମହାଭାରତ):** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱର ଜୟଦେବ ଭବନଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ଯୋଗ ଦେଇଛନ୍ତି।

ଲୋକ ସେବକ ମଣ୍ଡଳ ଓ ସମାଜ ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି କହିଥିଲେ ଯେ, ଜଣେ ବ୍ୟକ୍ତି କେତେ ଦିନ ବଞ୍ଚିବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ; ବରଂ ସେ କେଉଁ ପ୍ରକାରର ଜୀବନଯାପନ କରନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ ଜଣେ ବ୍ୟକ୍ତିର ସମାଜ ଓ ଦେଶ ପ୍ରତି ଅବଦାନକୁ ଆଧାର କରି ତାଙ୍କର ଖ୍ୟାତିର ମୂଲ୍ୟାଙ୍କନ କରାଯାଏ। ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କ ସ୍ୱଳ୍ପ ଜୀବନକାଳ ମଧ୍ୟରେ କେତେ ଭଲ କାମ କରିଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ରାଷ୍ଟ୍ରପତି କହିଥିଲେ। ସମାଜସେବା, ସାହିତ୍ୟ, ଶିକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିବା ସହ ଶ୍ରୀମତୀ ମୁର୍ମୁ ଏହି ଅବସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସ ଭଲ ଭାବରେ ଜାଣିଥିଲେ ଯେ ଉପଯୁକ୍ତ ଶିକ୍ଷା ବିନା କୌଣସି ସମାଜ କିମ୍ବା ରାଷ୍ଟ୍ର ପ୍ରଗତି କରିପାରିବ ନାହିଁ। ସେଥିପାଇଁ ସେ ପୁରୀ ଜିଲ୍ଲାର ସତ୍ୟବାଦୀଠାରେ ମୁକ୍ତାକାଶ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହାକୁ ବନ ବିଦ୍ୟାଳୟ ମଧ୍ୟ କୁହାଯାଏ। ପ୍ରାରମ୍ଭିକ ଅବସ୍ଥାରୁ ତାଙ୍କର ଛାତ୍ରଛାତ୍ରୀଙ୍କୁ ପ୍ରକୃତି ସହ ପରିଚିତ କରାଇବା ଆଭିମୁଖ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପଣ୍ଡିତ ଗୋପବନ୍ଧୁ ବନ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ତାଙ୍କ ମତରେ ଶିକ୍ଷାର ଅର୍ଥ କେବଳ ପୁସ୍ତକ ଭିତ୍ତିକ ଜ୍ଞାନ ନୁହେଁ ବରଂ ଶିକ୍ଷାର ଅର୍ଥ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଭାବରେ ବିକଶିତ କରିବା।

ରାଷ୍ଟ୍ରପତି କହିଥିଲେ ଯେ, ୧୯୧୯ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ ସମାଜ ଖବରକାଗଜର ପ୍ରକାଶନ ଆରମ୍ଭ କରିଥିଲେ। ଏହି ପ୍ରକାଶନ ମାଧ୍ୟମରେ ସେ ଓଡ଼ିଶାରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିଥିଲେ ଏହି ଖବରକାଗଜ ଜରିଆରେ ସେ ଲୋକଙ୍କ ସମସ୍ୟା ମଧ୍ୟ ଉଠାଇଥିଲେ। ସମାଜରେ ତାଙ୍କର ସମ୍ପାଦକୀୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି।ରାଷ୍ଟ୍ରପତି ଆହୁରି କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସ ଜାତୀୟତାବାଦ ଓ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିଲେ। ତାଙ୍କର କବିତା ଓ ଗଦ୍ୟ ଦେଶପ୍ରେମ ଓ ବିଶ୍ୱ କଲ୍ୟାଣର ବାର୍ତ୍ତା ଦେଇଥାଏ। ସେ ଓଡ଼ିଆ ଗୌରବ ତଥା ଭାରତୀୟ ଜାତୀୟତାବାଦ ପ୍ରତି ଉତ୍ସର୍ଗୀକୃତ ଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

# ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟାପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡ଼ର, କଟା ଧନିଆ ପତ୍ର ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏକ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କାଗୁଣ୍ଡ,ଚାଟ ମସଲା, ଆମଚୁର ପାଉଡ଼ର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଛତୁ ପରଟା' । ଏହାକୁ ଚଟଣି,ସସ କିମ୍ବା ଦହି ସହିତ ଗରମ ଗରମ ଖାଆନ୍ତୁ।



## ଖବର

# ଅନନ୍ତ-ରାଧିକାଙ୍କ ସଙ୍ଗୀତ ସେରିମନି: ନାଚି ଉଠିଲେ ଅମ୍ବାନୀ ପରିବାର



ଅନନ୍ତ ଅମ୍ବାନୀ-ରାଧିକା ମର୍ଚ୍ଚେଣ୍ଟଙ୍କ ବିବାହକୁ ନେଇ ସମସ୍ତେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଜୁଲାଇ ୧୨ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । ଏହାପୂର୍ବରୁ ପ୍ରାକ୍ ବିବାହ ଉତ୍ସବ ଆରମ୍ଭ ହୋଇଯାଇଛି । ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଥିବା ସଙ୍ଗୀତ ସେରିମନିରେ ଅମ୍ବାନୀ ପରିବାର ନାଚି ଉଠିଥିବା ବେଳେ ଅନେକ ବଲିଉଡ ଷ୍ଟାରମାନେ ସାମିଲ ହୋଇ ଧୁମ୍ ମଚାଇଥିଲେ । ସମାରୋହର ଫଟୋ ଏବଂ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ସଙ୍ଗୀତ ସେରିମନିରେ ଅନନ୍ତ ଓ ରାଧିକା ପିନ୍ଧିଥିବା ପୋଷାକ ଅତ୍ୟନ୍ତ ସୁନ୍ଦର ହୋଇଥିଲା । ଯାହାକି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।



# ତ୍ୱଚା ପାଇଁ ବାନାନା ଫେସ

କଦଳୀ କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ ବରଂ ଏହାର ଫେସ ପ୍ୟାକ ପ୍ରସ୍ତୁତ କରି ଲଗାଇବା ଦ୍ୱାରା ଆପଣଙ୍କ ତ୍ୱଚାର ଚମକ ବୃଦ୍ଧି ପାଇଥାଏ। କଦଳୀକୁ ବ୍ୟବହାର କରି ଭିନ୍ନ ଭିନ୍ନ ପ୍ରକାର ଫେଓ ପ୍ୟାକ ପ୍ରସ୍ତୁତ କରିହେବ। ଜାଣନ୍ତୁ.

୧: କଦଳୀକୁ ଭଲ ଭାବେ ଚକଟି ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ରୁ ୨୦ ମିନିଟ ରଖନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

୨: କଦଳୀକୁ ଭଲ ଭାବେ ଚକଟି ଏଥିରେ ଅଳ୍ପ ଅଲିଭ ଅଏଲ କିମ୍ବା ବାଦାମ ତେଲ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୦ ରୁ ୧୫ ମିନିଟ ରଖି ଧୋଇ ଦିଅନ୍ତୁ।

୩: କଦଳୀକୁ ଭଲ ଭାବେ ଚକଟି ୧ ଚାମଚ ମହୁ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାଇ ୧୫ ମିନିଟ ରଖନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ। ଏହା ମୁହଁର ଚମକ ବୃଦ୍ଧି କରିବା ସହ କୋମଳ କରିଥାଏ। ଶୁଷ୍କ ତ୍ୱଚା ପାଇଁ ଏହା ଖୁବ ଲାଭଦାୟକ।

୪- କଦଳୀକୁ ଭଲ ଭାବେ ଚକଟି ଏଥିରେ ସମାନ ମାତ୍ରାରେ ଖିର ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚା ପାଇଁ ଖୁବ ଲାଭଦାୟକ।

୫ - କଦଳୀକୁ ଭଲ ଭାବେ ଚକଟି ଏଥିରେ ଅଳ୍ପ ଅଟା ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ମଧ ତ୍ୱଚା ପାଇଁ ଖୁବ ଲାଭଦାୟକ।





# ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା



ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

# ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ



ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉନ୍ନତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।


ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଢ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଢ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

# ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।



# ରଥଯାତ୍ରାରେ ସେବା କରିବା ସ୍ୱେଚ୍ଛାସେବୀଙ୍କ ପାଇଁ ମହାର୍ଘ୍ୟ ଅବସର

**ଭୁବନେଶ୍ୱର,୬।୭ (ମହାଭାରତ):** ସ୍ୱେଚ୍ଛାସେବୀ ସଂଗଠନମାନେ ହେଉଛନ୍ତି ସମାଜ ସେବାର ଆତ୍ମା। ଅନ୍ୟର ସେବା କରିବା ଦ୍ୱାରା ଯାହା ପୂଣ୍ୟ ମିଳିଥାଏ ତାହାର ବିକଳ୍ପ ନାହିଁ। ପରୋପକାର ପାଇଁ ସମର୍ପିତ ବ୍ୟକ୍ତି ସର୍ବଦା ସଫଳ ହୋଇଥାନ୍ତି। ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ପାବନକ୍ଷେତ୍ର ପୁରୀଠାରେ ଦେଶ ଏବଂ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀଠାରେ ସମବେତ ହେଉଥିବାରୁ ସେହି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ସେବା ଯୋଗାଇଦେବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ମହାର୍ଘ ଅବସର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର ଦିନ ରାଜ୍ୟ ସରକାର, ସେଂଟ୍ ଜନ୍ ଆମ୍ବୁଲାନ୍ସ, ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା ଏବଂ ଭାରତ ସ୍କାଉଟ୍ ଆଣ୍ଡ ଗାଇଡସ୍‌ଙ୍କ ମିଳିତ ଆନୁକୂଲ୍ୟରେ ପୃଥକ ପୃଥକ ଭାବେ ଆୟୋଜିତ ସେବା ଶିବିରକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଦାସ ଏହି ମତବ୍ୟକ୍ତ କରିଛନ୍ତି। ସ୍ୱେଚ୍ଛାସେବୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ଉଦ୍‌ବୋଧନ ଛଳରେ ରାଜ୍ୟପାଳ କହିଥିଲେ ଯେ, ଦେଶ ବିଦେଶରୁ



ଶ୍ରଦ୍ଧାଳୁ ଭକ୍ତମାନେ ଆନନ୍ଦ ମନରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥାନ୍ତି। ସମସ୍ତ ଭକ୍ତ ଯେପରି ସୁସ୍ଥ ରହିବେ ତାହା ଆମର ପ୍ରାଥମିକତା । କିନ୍ତୁ ଯଦି କୌଣସି ପରିସ୍ଥିତି ଉପୁଜେ ତେବେ ସେମାନଙ୍କ ସେବାରେ ଯେପରି ବିଳମ୍ବ ହେବ ନାହିଁ ସେଥିପାଇଁ ଜାଗ୍ରତ ରହିବା ଆବଶ୍ୟକ। ଓଡ଼ିଶାର ଅସ୍ମିତା, ସମାଜ ସେବା ଓ ସମାଜ ସଂସ୍କାରର ସମୃଦ୍ଧ ପରଂପରା ରହିଛି। ସେବା କ୍ଷେତ୍ରରେ ସମର୍ପିତ ହୋଇ କିପରି ସମାଜ ସେବା କରାଯାଏ- ଉତ୍କଳମଣି ଗୋପବନ୍ଧୁ ଦାସ ଏହାର ଜ୍ୱଳନ୍ତ ଉଦାହରଣ। ଏଣୁ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ। ସ୍ୱେଚ୍ଛାସେବୀମାନଙ୍କଠାରେ ଅପାର ଶକ୍ତି ଓ ପ୍ରତିଭା ରହିଛି। ସେହି ପ୍ରତିଭାର ସଫଳ ଉପଯୋଗ କରି ସଫଳତାର ଶୀର୍ଷକ ସାଜି ସମାଜ ସେବାର ଅନନ୍ୟ ଉଦାହରଣ ସୃଷ୍ଟି କରିପାରିବେ ବୋଲି ରାଜ୍ୟପାଳ ଆଶା ପୋଷଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ପୁରୀସ୍ଥିତ ଗୋପବନ୍ଧୁ ଆର୍ଯ୍ୟୁବେଦ ମହାବିଦ୍ୟାଳୟଠାରେ ଆୟୋଜିତ ସେଂଟ୍ ଜନ୍ ଆମ୍ବୁଲାନସ୍‌ର ୩୪ତମ ଜାତୀୟ ସେବା ଶିବିରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଂଟ୍ ଜନ୍ ଆମ୍ବୁଲାନ୍ସର ଚେୟାରମ୍ୟାନ ଡ଼.ମୁକେଶ ମହାଲିଙ୍ଗ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡି.ଆଇ.ଜି ଅଫ୍ ପୋଲିସ୍ (ଫାୟାର୍ ଆଣ୍ଡ ଏସେନ୍‌ସିଆଲ ସର୍ଭିସ, ହୋମଗାର୍ଡସ୍) ରାଜେଶ ପଣ୍ଡିତ ଯୋଗଦେଇଥିଲେ। ସେଂଟ୍ ଜନ୍ସ ଆମ୍ବୁଲାନ୍ସର ଅତିରିକ୍ତ କମିଶନର କାଳୀ ପ୍ରସାଦ ମିଶ୍ର ବିବରଣୀ ଉପସ୍ଥାପନ କରିଥିବାବେଳେ ଅବୈତନିକ ସଂପାଦକ ନିଧି କୁମାର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ପରେ ପରେ ଗୋପବନ୍ଧୁ ଆର୍ଯ୍ୟୁବେଦ ମହାବିଦ୍ୟାଳୟଠାରେ ଆୟୋଜିତ, ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟଶାଖା ଆନୁକୂଲ୍ୟରେ ଆୟୋଜିତ ସାମାଜିକ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଯୁଥ ରେଡ୍‌କ୍ରସର କାଯ୍ୟକାରୀ କମିଟି ଅଧକ୍ଷ ସୂର୍ଯ୍ୟବଂଶୀ ସୁରଜ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର କାର୍ଯ୍ୟକାରୀ କମିଟି ଅଧକ୍ଷ ଡ଼.ମୁକେଶ ମହାଲିଙ୍ଗ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟଶାଖାର ଅବୈତନିକ ସଂପାଦକ ବିଭୂତି ଭୂଷଣ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଭାରତ ସ୍କାଉଟସ୍ ଓ ଗାଇଡସ୍ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ଷ୍ଟେଟ୍ ଚିଫ୍ କମିସନର ତଥା ଜାତୀୟ ଉପସଭାପତି ଡ଼. କାଳୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ବଡଦାଣ୍ଡରେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୭ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ବଡଦାଣ୍ଡରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତା ଓ ବିଜେପିର ବହୁ ନେତା ଓ କର୍ମୀଙ୍କ ସହ ହାତରେ ଝାଡୁ ଧରି ବଡ଼ଦାଣ୍ଡରେ ଅଳିଆ ସଫେଇ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କାଲି ବଡ଼ଦାଣ୍ଡକୁ ଆସିବେ ମହାପ୍ରଭୁ ଜଗନ୍ନାଥ, ମହାପ୍ରଭୁ ବଡ଼ଦାଣ୍ଡକୁ ଆସିବା ପୂର୍ବରୁ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସ୍ୱଚ୍ଛତା ଓ ସଚେତନତା ପାଇଁ ଏହି ସଫେଇ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ଏହି ଅବସରରେ ସେ ପ୍ଲାଷ୍ଟିକ ଜରି ବ୍ୟବହାରରୁ ନିବୃତ ରହିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ବଡ଼ଦାଣ୍ଡର ଏହି ସଫେଇ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ୍, ସାଂସଦ ଓ ବିଧାୟକ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ମାନେ ଯୋଗ ଦେଇଥିଲେ।

## ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୭ (ମହାଭାରତ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଓଡ଼ିଶା



ବିଧାନସଭା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍କଳମଣି ଙ୍କ ପ୍ରତିମୂର୍ତି ରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଣ୍ଡିତ ଗୋପବନ୍ଧୁ ଏକା ଧାରାରେ ଜଣେ ଦେଶସେବକ, ଜନ ନାୟକ, ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ ଓ ଆଦର୍ଶ ଶିକ୍ଷକ ଥିଲେ। ସତ୍ୟବାଦୀରେ ପ୍ରତିଷ୍ଠିତ ମଣିଷ ତିଆରି କାରଖାନା ସତ୍ୟବାଦୀ ବନବିଦ୍ୟାଳୟ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବ। ଓଡ଼ିଆ ନବଯୁଗର ପ୍ରବର୍ତକ ଥିଲେ ଗୋପବନ୍ଧୁ ଥିଲେ ଗୋପବନ୍ଧୁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଓଡିଆ ଭାଷା ସାହିତ୍ୟ ର ପ୍ରତିଷ୍ଠା ପାଇଁ ତାଙ୍କ ଉଦ୍ୟମ ଚିର ସ୍ମରଣୀୟ। ଉତ୍କଳମଣି ଗୋପବନ୍ଧୁ ବାସ୍ତବିକ୍ ଥିଲେ ଯୁଗପୁରୁଷ, ପୂନ୍ୟଶ୍ଳୋକ,ଓ ଦିନବନ୍ଧୁ ବୋଲି କହି ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟ ରେ ଓଡ଼ିଶା ବାସୀଙ୍କୁ ସାହାଯ୍ୟ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପେଡ୍ ମା କେ ନାମ୍ ଅଭିଯାନରେ ବିଧାନସଭା ପରିସର ରେ ଏକ ରୁଦ୍ରାକ୍ଷ ଚାରା ରୋପଣ କରିଥଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜନକେନ୍ଦ୍ରିକ ସୁଶାସନ ମଡେଲ୍ ମାଧ୍ୟମରେ କାର୍ଯ୍ୟ କର : ଧର୍ମେନ୍ଦ୍ର

**ଭୁବନେଶ୍ୱର,୬।୭ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଦେବଗଡରେ 'ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ'ରେ ଯୋଗଦେବା ସହ ଦୁଇଟି ସମ୍ବର୍ଦ୍ଧନା ସଭାରେ ଯୋଗଦେଇଛନ୍ତି ।

ଓଡ଼ିଶା ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଦେବଗଡରେ ମୌଳିକ ସମସ୍ୟା ସହ ଆଞ୍ଚଳିକ ପ୍ରସଙ୍ଗ ସହ ଜଡ଼ିତ ସମ୍ଭାବନା ଉପରେ ଚର୍ଚ୍ଚା ଆଲୋଚନା କରାଯାଇଛି । ଅପାର ସମ୍ଭାବନାର ଅଞ୍ଚଳ ଦେବଗଡ଼ ଜିଲ୍ଲାରେ ଫଳଚାଷକୁ ପ୍ରୋତ୍ସାହନ, ଚାଷୀଙ୍କ ଉନ୍ନତି, ଜଳସେଚନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ସହ ଜଡ଼ିତ ବିଷୟରେ ସମୀକ୍ଷା କରିଛନ୍ତି ଉଭୟ ମନ୍ତ୍ରୀ । ଜନକେନ୍ଦ୍ରୀକ ଓ ସୁଶାସନ ମଡେଲ୍ ମାଧ୍ୟମରେ କାର୍ଯ୍ୟ କରିବା ସହ ସ୍ୱଚ୍ଛତା ଓ ପାରଦର୍ଶୀତା ଉପାୟରେ ସବୁ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାରେ ଜଳ ସଂରକ୍ଷଣ ଦିଗରେ ବିଭିନ୍ନ ବିଭାଗ ସହ ମିଶି କାମ କରିବା ସହିତ ଅଞ୍ଚଳରେ ଲୋକଙ୍କ ଆୟକୁ ବଢାଇବା ତଥା ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀ ମାନଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

ଏହା ପରେ ସେ ପୃଥକ ପୃଥକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କହିଛନ୍ତି ଯେ ଦେବଗଡ ମୋର ଗଡ ଭଳି । ଏ ଅଞ୍ଚଳର ସେବା କରିବା ପାଇଁ ଆମେ ପ୍ରତିବଦ୍ଧ । ଦେବଗଡ ଜିଲ୍ଲା ସର୍ବଦା ଆମ ଦଳକୁ ଆଶୀର୍ବାଦ କରିଆସିଛି । ଜନଆଶୀର୍ବାଦ କାରଣରୁ ଓଡ଼ିଶାରେ ଆଜି ଜନକଲ୍ୟାଣକାରୀ ସରକାର ଗଠନ ହୋଇପାରିଛି । ଏଥିପାଇଁ ବ୍ୟକ୍ତିଗତ ଭାବେ ଦେବଗଡବାସୀଙ୍କ ପାଖରେ ଋଣୀ ଓ କୃତଜ୍ଞ। ଦେବଗଡ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ଉତ୍ସବ'ରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରି କରିବା ଭଳି ଶକ୍ତି ଐତିହ୍ୟସମ୍ପନ୍ନ ଦେବଗଡ ପାଖରେ ଅଛି । ଓଡ଼ିଆ ଭାଷାକୁ ଆଗକୁ ନେବାରେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ବଡ଼ ଭୂମିକା ରହିଛି। ତତ୍କାଳୀନ ବାମଣ୍ଡା ରାଜ୍ୟରୁ ଓଡ଼ିଶା ସରକାରରେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀ ପଦବୀରେ ଅଭିସିକ୍ତ ହେବା ଖୁସିର ବିଷୟ। ଦୀର୍ଘ ୩୦ ବର୍ଷ ଧରି ଦେବଗଡ ସର୍ବଦା ବିଜେପି ଉପରେ ଭରସା କରିଆସିଛି । ଏହି ଆଶୀର୍ବାଦ ପାଇଁ ଆଜି ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାରର ସ୍ୱପ୍ନ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ପାଇଁ ତାଳଚେର ବିମଳାଗଡ ରେଳଲାଇନ ହେଉ କିମ୍ବା ବାରକୋଟରୁ ଦେବଗଡ଼ ପର୍ଯ୍ୟନ୍ତ ରେଳଲାଇନର କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ବାରକୋଟରୁ ହେବାକୁ ଥିବା ନୂଆ ଲାଇନ କୁଚିଣ୍ଡା ଦେଇ ଯିବାର ଯୋଜନା କରାଯାଇଛି । ଦେବଗଡ଼ ଭଳି ଅଞ୍ଚଳକୁ ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଆମେ ସାମୂହିକ ଦାୟିତ୍ୱ ନେବା। ଏହି ସମୟ ସଠିକ୍ ସମୟ। ଏଠାରେ ବିକାଶକୁ ଗତି ଦିଆଯିବ। ଦେବଗଡକୁ ରାଜ୍ୟର ଏକ ଅଗ୍ରଣୀ ଅଞ୍ଚଳ ଭାବରେ ତିଆରି କରିବା ପାଇଁ ଆମେ ସମସ୍ତଙ୍କ ଦାୟିତ୍ୱ ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଗସ୍ତକାଳରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ଲୋକମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଦେବଗଡ଼ ଗୋପାଳଜୀଉ ମନ୍ଦିର ଏବଂ ତିଲେଇବଣି ନିକ୍ତିମାଳ ସ୍ଥିତ ଓମ୍ ଶ୍ରୀ ସିଦ୍ଧେଶ୍ୱର ମନ୍ଦିରରେ କେନ୍ଦ୍ରମନ୍ତ୍ରୀ ଦର୍ଶନ କରିଥିଲେ।

## ରଥଯାତ୍ରା ସମୟରେ ଯାତ୍ରୀ ସୁରକ୍ଷା ଓ ନିରାପତା ସଚେତନତା

**ଭୁବନେଶ୍ୱର,୬।୭ (ମହାଭାରତ):** ରଥ ଯାତ୍ରା ମହୋତ୍ସବ ସମୟରେ ଟ୍ରେନ ମାନଙ୍କରେ ମାତ୍ରାଧିକ ଭିଡ଼ ଏବଂ ପୁରୀ ଷ୍ଟେସନ ଠାରେ ବିପୁଳ ଜନସମାବେଶକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ତୀର୍ଥଯାତି ଓ ଭକ୍ତ ମାନଙ୍କ ସୁରକ୍ଷା ଓ ନିରାପତା ପ୍ରତି ବିଶେଷ ଧ୍ୟାନ ଦେଇ ସୁବିଧାଜନକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରାଇବା ପାଇଁ ନିଜକୁ ପ୍ରସ୍ତୁତ ରଖିଛି । ଏହି ମହୋତ୍ସବ ସମୟରେ ଯାତ୍ରୀ ମାନଙ୍କ ଯାତାୟାତର ଯେପରି କୌଣସି ଅସୁବିଧା ନହୁଏ ସେଠି ପାଇଁ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆରମ୍ଭ କରିଛି ଯାହା ଅତ୍ୟଧିକ ଜନଗହଳିପୂର୍ଣ୍ଣ ଟ୍ରେନରେ ଯାତ୍ରୀମାନଙ୍କ ସୁରକ୍ଷା ଓ ନିରାପତା ପାଇଁ ସହାୟକ ହେବ ।

ତୀର୍ଥଯାତ୍ରୀ ଏବଂ ଯାତ୍ରୀମାନଙ୍କୁ ଫୁଟବୋର୍ଡ, ବଫର୍ କିମ୍ବା ଟ୍ରେନ୍ କମ୍ପାର୍ଟମେଂଟର ଛାତ ଉପରେ ଯାତ୍ରା କରିବା ଭଳି ବିପଦପୂର୍ଣ୍ଣ ଆଚରଣରୁ ନିବୃତ ରହିବାକୁ ଅନୁରୋଧ କରାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷା ହେଉଛି ରେଳବାଇର ସର୍ବୋଚ୍ଚ ପ୍ରାଥମିକତା। ପୂର୍ବତଟ ରେଳପଥ ତୀର୍ଥଯାତ୍ରୀ ଏବଂ ଭକ୍ତ ମାନଙ୍କୁ ମଧ୍ୟ କୌଣସି ଜ୍ୱଳନ୍ତ ଜିନିଷ ନ ନେବାକୁ, ଅପରିଚିତ ବ୍ୟକ୍ତିଙ୍କ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ ନକରିବା ଏବଂ ଅପ୍ରତ୍ୟାଶିତ ବ୍ୟାଗ କିମ୍ବା ସନ୍ଦେହଜନକ ଜିନିଷ ନଛୁଇଁବାକୁ ମଧ ପରାମର୍ଶ ଦେଇଛି।

ଯାତ୍ରୀମାନଙ୍କୁ ସଚେତନ କରିବା ବ୍ୟତୀତ, ଭିଡ଼ ନିୟନ୍ତ୍ରଣ ପଦକ୍ଷେପ ଏବଂ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ରେଳ ସୁରକ୍ଷା ବଳ (ଆରପିଏଫ୍) କର୍ମଚାରୀଙ୍କୁ ନିୟୋଜନ କରି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି । ନିରନ୍ତର ଯାତାୟାତ ଏବଂ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ସଜାଗ ରହିବା, ସମସ୍ତ ଯାତ୍ରୀ, ବିଶେଷକରି ତୀର୍ଥଯାତ୍ରୀ ଏବଂ ଭକ୍ତଙ୍କ ସୁରକ୍ଷା ତଥା ନିରାପତାକୁ ସୁନିଶ୍ଚିତ କରିବା ପାଇଁ ଆରପିଏଫ୍ କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ରଥ ଯାତ୍ରା ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ୩୧୫ ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲା ସହିତ ପଶ୍ଚିମବଙ୍ଗ, ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ଘୋଷଣା କରିଛି।

## ବାଲେଶ୍ୱରରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ମୁଖ୍ୟାଳୟ ସ୍ଥାପନ ପାଇଁ ଦାବି

**ଭୁବନେଶ୍ୱର,୬।୭ (ମହାଭାରତ):** ଉତର ଓଡ଼ିଶା ବିକାଶ ପରିଷଦ ସ୍ଥାପନ ଲାଗି ଏକ ଟାସ୍କଫୋର୍ସ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାରଙ୍କ ପଦକ୍ଷେପକୁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ସ୍ୱାଗତ କରିଛନ୍ତି । ଉତ୍ତର ଓଡ଼ିଶାବାସୀଙ୍କ ହିତଦୃଷ୍ଟିରୁ ଏହା ଏକ ସମୟ ଉପଯୋଗୀ ପଦକ୍ଷେପ । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢ଼ାଞ୍ଚାରେ ଯଥାଶ୍ରୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଗଲେ ରାଜ୍ୟରେ ସମତୁଲ ବିକାଶ ସମ୍ଭବ ହେବା ସହ ପଛୁଆ ରହିଯାଇଥିବା ଅଞ୍ଚଳ ଗୁଡ଼ିକର ବିକାଶ ପ୍ରକ୍ରିୟା ଗତି ବଢ଼ି ପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଉତ୍ତର ଓଡ଼ିଶା ବିକାଶ ପରିଷଦକୁ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ତଥା ବିକାଶ ଇଞ୍ଜିନ ଭାବେ ଗଢ଼ି ତୋଳିବା ପାଇଁ ଶ୍ରୀ ପଟ୍ଟନାୟକ ଚାରିଟି ପ୍ରସ୍ତାବ ଦେଇଛନ୍ତି। ସେଗୁଡ଼ିକ ହେଲା ପ୍ରଶାସନିକ ଦୃଷ୍ଟିରୁ ସୁବିଧା ପାଇଁ ବାଲେଶ୍ୱର ଠାରେ ପରିଷଦର ମୁଖ୍ୟାଳୟ ସ୍ଥାପନ, ୧୦ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ସ୍ଥାପନ, ବିକାଶ ମୂଳକ କାର୍ଯ୍ୟ ପାଇଁ ବାର୍ଷିକ ୩ ହଜାର କୋଟି ଟଙ୍କାର ବ୍ୟୟବରାଦ ଏବଂ ଆଗାମୀ ବିଧାନସଭା ଅଧିବେଶନରେ ଉତର ଓଡ଼ିଶା ବିକାଶ ପରିଷଦ ବିଧେୟକକୁ ପାରିତ କରିବା ପ୍ରସ୍ତାବ ରହିଛି।

## ମଧ୍ୟ ଭୁବନେଶ୍ୱର ୱାର୍ଡ ନଂ ୩୨ରେ ମା' ପାଇଁ ଗଛଟିଏ ଶୁଭାରମ୍ଭ

**ଭୁବନେଶ୍ୱର,୬।୭ (ମହାଭାରତ):** ବିଶ୍ୱରେ ପରିବେଶ ସନ୍ତୁଳନ ଏବଂ ଜଳବାୟୁ ପରିବର୍ତ୍ତନକୁ ଅପରିବର୍ତ୍ତିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ମା' ପାଇଁ ଗଛଟିଏ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଚି । ଝାରପଡା ଗ୍ରାମର ୱାର୍ଡ ନଂ ୩୨ରେ ଝାରପଡା ୱେଲ୍ ଫେୟାର ଆସୋସିଏସନ ତରଫରୁ ସମାଜସେବୀ ପ୍ରଭାତ ମାର୍ଥାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଧ୍ୟ ବିଜେପି ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳଣ ପଡିଆ ଓ ରାମଲୀଳା ପଡିଆ ଚର୍ତୁପାର୍ଶରେ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ଜଗନ୍ନାଥ କହିଛନ୍ତି ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ, ତାପମାନ ବୃଦ୍ଧି ଓ ପରିବେଶ ଅସନ୍ତୁଳନ ବିଶ୍ୱ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା । ଏହି ସମସ୍ୟାର ଏକମାତ୍ର ସମାଧାନ ହେଉଚି ଆମ୍ଭକୁ ଏକ ବ୍ୟାପକ ପରିମାଣରେ ବୃକ୍ଷ ରୋପଣ କରିବା ସହ ପରିବେଶର ଯତ୍ନ ନେବାର ଆବଶ୍ୟତା ଅଛି । ଏକ ସୁସ୍ଥ ପରିବେଶ ପାଇଁ ବୃକ୍ଷ ରୋପଣକୁ ଏକ ସାମୁହିକ ସଙ୍କଳ୍ପ ଭବେ ଗ୍ରହଣ କରିବା ସହ ଏହାଏକ ସାମାଜିକ ଦାୟିତ୍ୱ ନେବାକୁ ଜଗନ୍ନାଥ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆସୋସିଏସନର ମୁଖ୍ୟ ସଭାପତି ଗୋରାଚାନ୍ଦ ମଙ୍ଗରାଜଙ୍କ ସମେତ ଗ୍ରାମର ଉମାକାନ୍ତ ଜେନା, ସୁନିଲ ଜେନା, ଜହୁର ଖାନ ଓ ସୁରେଶ ଜେନାଙ୍କ ସବହୁ ବିଶିଷ୍ଟ ବ୍ୟକ୍ତି ଓ ଯୁବକ ସାମିଲ ହୋଇଥିଲେ ।



## ରାଜଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ



**ଭୁବନେଶ୍ୱର,୬।୭ (ମହାଭାରତ):** ପଶ୍ଚିମବଙ୍ଗର ସନ୍ଦେଶଖାଲୀ, ଦିନୋଜପୁର ତଥା କୁଚବିହାରରେ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି 'ସମର୍ଥା' ତରଫରୁ ଓଡିଶାର ରାଜଭବନ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଅନୁଷ୍ଠିତ ହେବା ସହ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ.ଡି.ଏମଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି ।

ଓଡିଶାର ରାଜଭବନ ସମ୍ମୁଖରେ ଶୁକ୍ରବାର ଦିନ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଶ୍ରୀମତୀ ଆରତୀ ବୈଶାଖ କହିଛନ୍ତି ଯେ,'ସମର୍ଥା' ଏକ ସାମାଜିକ ସଂଗଠନ ଯିଏକି ସେବା ତଥା ବିଶେଷ କରି ନାରୀ ସମ୍ମାନ ଓ ନାରୀ ନେତୃତ୍ୱ ବିକାଶ ଦିଗରେ କାର୍ଯ୍ୟ କରିଥାଏ। ପଶ୍ଚିମବଙ୍ଗରେ ମାଆ ଓ ମାଟି ସମ୍ମାନର ଆହ୍ୱାନ ଦେଇ ସରକାରକୁ ଆସିଥିବା ଦଳର ଛତ୍ରଛାୟାରେ ଆଜି ନାରୀ ସମ୍ମାନ ଲୁଣ୍ଠିତ ହେଉଛି । କେବଳ ତାହା ନୁହେଁ, ସେମାନଙ୍କ ଉପରେ ହେଉଥିବା ଅମାନୁଷିକ ଅତ୍ୟାଚାରର ଲୋମହର୍ଷଣକାରୀ ଘଟଣାମାନ ସଭ୍ୟ ସମାଜର ଜନ ମାନସକୁ ଆନ୍ଦୋଳିତ କରୁଛି। ନିକଟ ଅତୀତରେ ପଶ୍ଚିମବଙ୍ଗର ସନ୍ଦେଶଖାଲି, କୁଚବିହାର ତଥା ଦିନୋଜପୁର ଠାରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର କୌଣସୀ ସଭ୍ୟ ସମାଜରେ ଏକ ଲଜ୍ୟାକର ଓ ନୀନ୍ଦନୀୟ ଘଟଣା । ସେଠାରେ ଘଟୁଥିବା ଘଟଣାକୁ ଅନୁଧ୍ୟାନ କଲେ ସେଠାରେ ଗଣତନ୍ତ୍ର ଅପେକ୍ଷା ତାଲିବାନୀ ଶାସନ ଚାଲୁଥିବା ପ୍ରତୀୟମାନ ହୁଏ । ତେଣୁ ଏଠାରେ ନାରୀମାନଙ୍କୁ ସୁରକ୍ଷା ଦିଆଯାଉ ବୋଲି ଆମେ ଭାରତ ସରକାରଙ୍କ ନିକଟରେ ଦାବି କରୁଛୁ। ଶ୍ରୀମତୀ ଆରତୀ ବୈଶାଖ,ସୁଶ୍ରୀ ଲତିକା ପାଢ଼ୀ, ଶ୍ରୀମତୀ ଆରତୀ ଜେନା, ଶ୍ରୀମତୀ ଜ୍ୟୋତିର୍ମୟୀ ସାହୁ ଓ ଶ୍ରୀମତୀ ସାନୁଜା ମେଘମାଳାଙ୍କ ନେତୃତ୍ୱରେ ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଏମଆଇସି ଇଲେକ୍ଟ୍ରୋନିକ୍ସ ଲିମିଟେଡ ପଶ୍ଚିମ ରେଳବାଇରୁ ସମାପ୍ତି ପ୍ରମାଣପତ୍ର ପ୍ରାପ୍ତ

**ଭୁବନେଶ୍ୱର,୬।୭ :** ଏଲ୍ଇଡି ଭିଡିଓ ଡିସପ୍ଲେର ଡିଜାଇନ୍, ବିକାଶ ଏବଂ ଉତ୍ପାଦନ କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ଏମ୍ଆଇସି ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଟ୍ରେନ୍ ଡିସପ୍ଲେ ବୋର୍ଡ ବଦଳାଇବା ପାଇଁ ପଶ୍ଚିମ ରେଳବାଇ ଜୋନ୍‌ର ରତଲାମ୍ ଡିଭିଜନରୁ ଲେଟର ଅଫ୍ କମ୍ପ୍ଲିକେସନ୍/ଇନଷ୍ଟଲେସନ୍ ସାର୍ଟିଫିକେଟ୍, ଏନ୍ ଏମ୍ ଏଚ୍ ପିଏଫ୍ ୦୨ରେ ନୂତନ ସିଜିଏସ୍ ବୋର୍ଡ ର ବ୍ୟବସ୍ଥା, ଏମ୍ଇଏ ଅଧୀନରେ ୩୩ଟି ନଂ ଷ୍ଟେସନରେ ଟ୍ରେନ୍ ଡିସପ୍ଲେ ବୋର୍ଡ ଏବଂ ଜିପିଏସ୍ କ୍ଲକ୍ ପ୍ରଦାନ କରିଛି। ଆନାଲଗ୍ / ଜିପିଏସ୍ ଘଡ଼ିର ପରିବର୍ତନ। କଂପାନି ଏହାର କ୍ୟୁଆଇପି ଇସ୍ୟୁକୁ ବନ୍ଦ କରିବାକୁ ଘୋଷଣା କରିଛି ଏବଂ ବୋର୍ଡ ଯୋଗ୍ୟ ସଂସ୍ଥାଗତ କ୍ରେତାମାନଙ୍କୁ ସେୟାର ପିଛା ୪୬ ଟଙ୍କା ଇସ୍ୟୁ ମୂଲ୍ୟରେ ୧,୯୫,୬୫,୨୧୭ ଇକ୍ୱିଟି ସେୟାର ପ୍ରଦାନ ଏବଂ ଆବଟନକୁ ଅନୁମୋଦନ କରିଛି। କ୍ୟୁଆଇବି ମଧ୍ୟରେ କମ୍ପାନୀ ଅନ୍ତରା ଇଣ୍ଡିଆ ଏଭରଗ୍ରିନ୍ ଫଣ୍ଡ ଲିମିଟେଡ, କୋୟସ୍ ଗ୍ଲୋବାଲ ଅପୋର୍ଚୁନିଟି ଫଣ୍ଡ ଏବଂ ମିନର୍ଭା ଭେଞ୍ଚର୍ସ ଫଣ୍ଡକୁ ସେୟାର ଆବଟନ କରିଛି। ନିକଟରେ କମ୍ପାନୀ ଘୋଷଣା କରିଥିଲା ଯେ ଫିରୋଜପୁର (ଏଫଜେଡଆର) ଡିଭିଜନର ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡିକରେ କୋଚ୍ ଗାଇଡେନ୍ସ ଡିସପ୍ଲେ ବୋର୍ଡ ର ବ୍ୟବସ୍ଥା ପାଇଁ ଉତର ରେଳବାଇ ଜୋନର ଫିରୋଜପୁର ଡିଭିଜନରୁ ଏକ ସ୍ୱୀକୃତି ପତ୍ର ମିଳିଛି ।

## ଓଡିଆରେ ମେଡିକାଲ ପାଠପଢା ପାଇଁ ୨୨ ଜଣିଆ ବିଶେଷଜ୍ଞ କମିଟି ଗଠିତ

**ଭୁବନେଶ୍ୱର,୬।୭ (ମହାଭାରତ):** ଓଡ଼ିଆରେ ଏମ୍‌ବିବିଏସ୍ ପାଠ୍ୟପୁସ୍ତକ ପାଇଁ ୨୨ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ନିର୍ବାଚନୀ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଧାରରେ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୨୨ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏହି କମିଟି ୧୫ଦିନ ମଧ୍ୟରେ ତାଙ୍କର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ଦେବେ। ଓଡ଼ିଆ ଭାଷାରେ ଏମବିବିଏସ୍ ଶିକ୍ଷାଦାନ ପାଇଁ ଅତ୍ୟାବଶ୍ୟକ ପାଠ୍ୟକ୍ରମର ଓଡ଼ିଆରେ ଅନୁବାଦ, କେତେ ସମୟ ଲାଗିବ ଓ ଏସବୁ ନିମନ୍ତେ ଆବଶ୍ୟକ ପାଣ୍ଠି ଆଦି ନେଇ ଏହି କମିଟି ତାଙ୍କର ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ୨୨ଜଣିଆ ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଭାବେ ପ୍ରଫେସର ଡାକ୍ତର ସାହୁ ରହିଥିବାବେଳେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଆବାହକ ଅଛନ୍ତି। ସଦସ୍ୟ ଭାବେ ବିଭିନ୍ନ ମେଡିକାଲ କଲେଜ ଓ ଭୁବନେଶ୍ୱର ଏମସ୍ ପ୍ରଫେସରମାନଙ୍କୁ ସାମିଲ କରାଯାଇଛି । ସଦସ୍ୟମାନେ ହେଲେ ଡାକ୍ତର ପ୍ରଭାସ ତ୍ରିପାଠୀ, ପ୍ରଫେସର, ଅର୍ଚ୍ଚନା ମିଶ୍ର,ପ୍ରଫେସର ମନସ୍ୱିନୀ ମଙ୍ଗରାଜ, ପ୍ରଫେସର ନିରଞ୍ଜନ ରାଉତ, ଡାକ୍ତର ଭାରତ ପଟେଲ, ଡାକ୍ତର ପ୍ରଦୀପ କୁମାର ନାୟକ, ଡାକ୍ତର ବିଶ୍ୱରଞ୍ଜନ ପାଢ଼ୀ, ପ୍ରଫେସର ଦୁର୍ଗା ଶତପଥୀ, ପ୍ରଫେସର ପ୍ରଦୀପ୍ତ ପରିଡ଼ା, ପ୍ରଫେସର ପ୍ରସନ୍ନ କୁମାର ରାଠୋର, ଡାକ୍ତର ଲକ୍ଷ୍ମଣ ବାଗ, ପ୍ରଫେସର ରୀତାଞ୍ଜଳି ବେହେରା, ପ୍ରଫେସର ବିଷ୍ଣୁ ପାତ୍ର, ପ୍ରଫେସର ଭାଗିରଥୀ ଦ୍ୱିବେଦୀ, ଡାକ୍ତର ବିଶ୍ୱନାଥ ବେହେରା, ପ୍ରଫେସର ମିହିର ରଞ୍ଜନ ନାୟକ, ପ୍ରଫେସର ରଞ୍ଜିତା ମହାପାତ୍ର,ଡାକ୍ତର ସୁଦୀପ୍ତ ନାୟକ, ଡାକ୍ତର ରାଜଶ୍ରୀ ରାଉତ ରହିଛନ୍ତି। ଏମାନଙ୍କ ବ୍ୟତୀତ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ଉପଦେଷ୍ଟା ଡଃ ପ୍ରେମାନନ୍ଦ ମହାପାତ୍ର ମଧ ସଦସ୍ୟ ରହିଛନ୍ତି।

## ଇଭିଏମ ଜାଲିଆତି ପ୍ରସଙ୍ଗ

କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଯେତେବେଳେ ନିର୍ବାଚନରେ ପରାଜିତ ହେଉଛନ୍ତି, ସେତେବେଳେ ସେମାନେ ଇଭିଏମ ଜାଲିଆତି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ ସବୁ ନିର୍ବାଚନରେ ସବୁ ସ୍ଥାନରେ ବିଜେପି ଜିତୁଛି, ସେକଥା ନୁହେଁ। ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନରେ କଂଗ୍ରେସ, ଟିଏମସି, ଆପ, ଡିଏମକେ ଭଳି ଦଳମାନେ ଜିତୁଛନ୍ତି। ଯଦି ବିଜେପି ଇଭିଏମ ଟାମ୍ପରିଂ କରି ନିର୍ବାଚନ ଜିତୁଛି, ତେବେ ଏଥର ନିର୍ବାଚନରେ ବିଜେପି କାହିଁକି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିପାରିଲା ନାହିଁ? କାହିଁକି ୟୁପି, ମହାରାଷ୍ଟ୍ରରେ ହାରିଲା? ଉଭୟ ରାଜ୍ୟରେ ମଧ୍ୟ ବିଜେପି ସରକାର କ୍ଷମତାରେ ରହିଛନ୍ତି। ଇଭିଏମ ଟାମ୍ପରିଂ ସମ୍ଭବ ନୁହେଁ ଏବଂ ଆଜି ପର୍ଯ୍ୟନ୍ତ କେହି ଏହକୁ ପ୍ରମାଣିତ କରିପାରିନାହାଁନ୍ତି, ଏହାକୁ ନିର୍ବାଚନ କମିଶନ ବାରମ୍ବାର କହିବା ସତ୍ତ୍ୱେ ଏହାକୁ ବିରୋଧୀ ମାନିବାକୁ ନାରାଜ। କଥାରେ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ? ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବା କଂଗ୍ରେସର ପ୍ରକୃତି। ନିକଟରେ ଟେସଲା ମୁଖ୍ୟ ଏଲନ ମସ୍କ ଇଭିଏମ ଟାମ୍ପରିଂ କରାଯାଇପାରିବ ବୋଲି କହିବା ପରେ ଏହାକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ମସ୍କଙ୍କ ଏଭଳି ଅଯଥା ଏବଂ ବିବାଦୀୟ ମନ୍ତବ୍ୟକୁ କଂଗ୍ରେସ ସ୍ୱାଗତ କରିଛି। ଏହା ସ୍ୱାଭାବିକ। କାରଣ ମସ୍କଙ୍କ ମନ୍ତବ୍ୟ କଂଗ୍ରେସକୁ ସୁହାଉଛି। ଇଭିଏମ ଟାମ୍ପରିଂ ହୋଇପାରିବ ଏକ ଭିନ୍ନ ମତ, କିନ୍ତୁ ଭାରତରେ ଇଭିଏମ ଟାମ୍ପରିଂ ହୋଇଛି ବୋଲି ସେ କହି ନାହାଁନ୍ତି। ମସ୍କଙ୍କ ମନ୍ତବ୍ୟକୁ ସମର୍ଥନ କରି ରାହୁଲ କହିଛନ୍ତି ଯେ, ଭାରତରେ ଇଭିଏମ ହେଉଛି ଏକ ବ୍ଲାକବକ୍ସ। ତାଙ୍କର ଏହି ମନ୍ତବ୍ୟ ଦୁର୍ଭାଗ୍ୟଜନକ। ସେ ଏଭଳି ମନ୍ତବ୍ୟ ଦେଇ ପ୍ରମାଣିତ କରିଛନ୍ତି ଯେ, ସେ ଭାରତର ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟତା ହାସଲ କରି ନାହାଁନ୍ତି। ଗତ ଏପ୍ରିଲ ମାସରେ ଭିଭିପାଟ ଯାଞ୍ଚ ଦାବି କରି ଆଗତ ଏକାଧିକ ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଥିଲେ। ଏହା ସହିତ ଇଭିଏମର ସ୍ୱଚ୍ଛତା ନେଇ ଯେଉଁସବୁ ପ୍ରଶ୍ନବାଚୀ ଏବଂ ସନ୍ଦେହ ସୃଷ୍ଟି ହୋଇଛି ତାହା ନିରାଧର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହା ପୂର୍ବରୁ ଇଭିଏମ ପରିବର୍ତ୍ତେ ଦେଶରେ ପୁନର୍ବାର ପୁରୁଣା ବାଲଟ ପେପର ମାଧ୍ୟମରେ ଭୋଟିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିସନକୁ କୋର୍ଟ ଖାରଜ କରିଥିଲେ। ଆଉ ପୁରୁଣା ବ୍ୟବସ୍ଥାକୁ ଯିବାର ଚିନ୍ତାଧାରାକୁ ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଇଭିଏମ ଏକ ସମ୍ପୂର୍ଣ୍ଣ ସୁରକ୍ଷିତ ବ୍ୟବସ୍ଥା ଏବଂ ଏହା ଦ୍ୱାରା ନିର୍ବାଚନ ପରିଚାଳନା ସହଜ ଏବଂ ସରଳ ହୋଇଛି। ମତଦାନ ହାର ବଢ଼ିଛି, ଭୋଟ ନାକଚ ଶତ ପ୍ରତିଶତ ଦୂର ହୋଇଛି। ଭୋଟ ଗଣତି ଅତି ଶୀଘ୍ର ସମ୍ଭବ ହୋଇପାରିଛି। ଇଭିଏମ ଟାମ୍ପରିଂ ସନ୍ଦେହ ସମ୍ପୂର୍ଣ୍ଣ ନିରାଧାର ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭାରତରେ ୯୭ କୋଟି ମତଦାତାଙ୍କ ଲାଗି ବାଲଟ ପେପର ବ୍ୟବସ୍ଥା କରିବା ଏବଂ ଏହାକୁ ଗଣତି କରିବା ଏକ କଷ୍ଟକର ଏବଂ ସମୟସାପେକ୍ଷ କାର୍ଯ୍ୟ। ୟୁରୋପର ଛୋଟ ଛୋଟ ଦେଶରେ ଏହା ସମ୍ଭବ। ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ଇଭିଏମର ଆବଶ୍ୟକତା ନିହାତି ଜରୁରୀ। ଡିଜିଟାଲ ଯୁଗରେ ବାଲଟ ପେପର ଗ୍ରହଣୀୟ ନୁହେଁ। ଯଦି ଇଭିଏମ ବଦଳରେ ବାଲଟ ପେପର ମାଧ୍ୟମରେ ଭୋଟ ଗ୍ରହଣ ହୁଏ ତେବେ ବ୍ୟାଙ୍କ ଏଟିଏମ ଏବଂ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ଦାବି ଉଠିବ। ବ୍ୟାଙ୍କରେ ପୁଣି ଗ୍ରାହକ ଟଙ୍କା ଜମା ଏବଂ ଉଠାଇବାକୁ ଲମ୍ବା ଧାଡ଼ି ଦେବେ। ଏହା ଗ୍ରହଣୀୟ କି?

## ଓଡ଼ିଶାର ପଞ୍ଜାଙ୍ଗରେ ଜଗନ୍ନାଥଙ୍କ ପ୍ରଭାବ

*“ ସାଧାରଣତଃ ଆଷାଢ଼ କୃଷ୍ଣପକ୍ଷରେ ଶ୍ରୀଜଗନ୍ନାଥଙ୍କ ଅନବସର ଅନୁଷ୍ଠିତ ହୁଏ। ଯେଉଁ ବର୍ଷ ଆଷାଢ଼ ଚାନ୍ଦ୍ରମାସ ଅଧିକ (ମଳ) ହୁଏ, ସେ ବର୍ଷ ନବକଳେବର ଅନୁଷ୍ଠିତ ହୁଏ। ଏ ବର୍ଷ ଅନବସର ନିମନ୍ତେ ତିନୋଟି ପକ୍ଷ ଅର୍ଥାତ୍ ୪୫ ଦିନ ଏକାଦିକ୍ରମେ ଆବଶ୍ୟକ। ଏହି ୪୫ ଦିନ ମଧ୍ୟରୁ ପ୍ରଥମ ପନ୍ଦର ଦିନ ଶୁଦ୍ଧ କୃଷ୍ଣପକ୍ଷ ସବୁ ବର୍ଷ ପରି ସାଧାରଣ ଅନବସର ଏବଂ ପରବର୍ତ୍ତୀ ୩୦ ଦିନ ମଳ ମାସ ନବକଳେବର ପାଇଁ ଉଦ୍ଦିଷ୍ଟ।*

**॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥**

ଭାରତୀୟ ଜ୍ୟୋତିଷଶାସ୍ତ୍ରରେ ତିନୋଟି ଭାଗ ଅଛି। ପ୍ରତ୍ୟେକ ଭାଗକୁ ସ୍କନ୍ଦ କୁହାଯାଏ। ଏହା ଗଣିତ ଜ୍ୟୋତିଷ, ଫଳିତ ଜ୍ୟୋତିଷ ଓ ମୁହୂର୍ତ୍ତ ଜ୍ୟୋତିଷ ନାମରେ ଖ୍ୟାତ। ଗଣିଷ ଜ୍ୟୋତିଷରେ ଅଖଣ୍ଡକାଳକୁ ବିଭକ୍ତ କରାଯାଇ ତାର ଅବୟବମାନଙ୍କର ଗଣନା କରାଯାଇଥାଏ। ଫଳିତ ଜ୍ୟୋତିଷରେ ବିଭକ୍ତ କାଳର ଅବୟବ ଗୁଡ଼ିକର ପ୍ରଭାବ ଯୋଗୁଁ ଯେଉଁ ଫଳାଫଳ ମିଳେ, ତାହାର ପୂର୍ବନିର୍ଦ୍ଧାରଣ କରାଯାଏ। ମୁହୂର୍ତ୍ତ ଜ୍ୟୋତିଷରେ କାଳର ବିଭିନ୍ନ ଅବୟବର ବ୍ୟାବହାରିକ ସୀମା ନିର୍ଦ୍ଧାରଣ କରାଯାଇଥାଏ। ଏହି ଦୃଷ୍ଟିରୁ ମୁହୂର୍ତ୍ତ ସ୍କନ୍ଦର ଧର୍ମଶାସ୍ତ୍ର ବା ସ୍ମୃତି ଶାସ୍ତ୍ର ସହିତ ସଂପର୍କ ରହିଛି।

ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହେବା ସମୟରୁ ଓଡ଼ିଶାର ପଞ୍ଜାଙ୍ଗରେ ଶ୍ରୀଜଗନ୍ନାଥଙ୍କର ପ୍ରଭାବ ଅତୁଟ ରହିଆସିଛି। ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ସମୟରେ ପୁରୀରେ ଓଡ଼ିଶାର ପଞ୍ଜାଙ୍ଗର ଆଦ୍ୟ ପ୍ରବର୍ତ୍ତକ ଆଚାର୍ଯ୍ୟ ଶତାନନ୍ଦ ଅବସ୍ଥାନ କରୁଥିଲେ। ସେ ତିନୋଟି ପ୍ରସିଦ୍ଧ ଗ୍ରନ୍ଥ ରଚନା କରିଯାଇଛନ୍ତି। ଯଥା ଭାସ୍ୱତୀ, ଶତାନନ୍ଦ ସଂଗ୍ରହ ଏବଂ ଶତାନନ୍ଦ ରତ୍ନମାଳା। ଖ୍ରୀଷ୍ଟିୟ ଏକାଦଶ ଶତକର ଉତ୍ତରାର୍ଦ୍ଧରେ (୧୦୯୯ଖ୍ରୀ.) ଆଚାର୍ଯ୍ୟ ଶତାନନ୍ଦ ଏହି ଗ୍ରନ୍ଥ ରଚନା କରି ସର୍ବପ୍ରଥମେ ଜଗନ୍ନାଥଙ୍କର ପୁରୁଷୋତ୍ତମ କ୍ଷେତ୍ର ସଂପର୍କରେ ସୂଚନା ଦେଇଛନ୍ତି। ଏହି ସମୟରୁ ଚୋଡ଼ଗଙ୍ଗଙ୍କ ନେତୃତ୍ୱରେ ଦକ୍ଷିଣ ଭାରତରୁ ବୈଷ୍ଣବ ପରମ୍ପରା ଓଡ଼ିଶାରେ ଆନୁଷ୍ଠାନିକ ଭାବେ ପ୍ରବେଶ କରିଛି। ଫଳରେ ତତ୍କାଳୀନ ଓଡ଼ିଶାରେ ଶତାନନ୍ଦଙ୍କର ସ୍ମାର୍ତ୍ତ ବିଚାର ସହିତ ବୈଷ୍ଣବୀୟ ଆଚାର ବ୍ୟବହାରର ମିଶ୍ରଣ ଘଟିଥିବା ପ୍ରସଙ୍ଗକୁ ଏଡ଼ାଇ ଦେଇହେବନାହିଁ। ଆଚାର୍ଯ୍ୟ ଶତାନନ୍ଦ ଜଣେ ସ୍ମାର୍ତ୍ତ ପଣ୍ଡିତ। ତାଙ୍କର ଶତାନନ୍ଦ ରତ୍ନମାଳା ଏବଂ ଶତାନନ୍ଦ ସଂଗ୍ରହରେ ସେ ଅନେକ ସ୍ମାର୍ତ୍ତ ପରମ୍ପରାକୁ ସାମାଜିକ ଗ୍ରହଣୀୟତା ଦୃଷ୍ଟିରୁ ଅନ୍ତର୍ଭୁକ୍ତ କରିଯାଇଛନ୍ତି। ତେବେ ଓଡ଼ିଶାର ପଞ୍ଜାଙ୍ଗ ଗଣନା ଆଚାର୍ଯ୍ୟ ଶତାନନ୍ଦଙ୍କ ଠାରୁ ଆରମ୍ଭ ହୋଇଥିଲେ ହେଁ ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ ଅନୁସାରେ ଗଣନା ପରବର୍ତ୍ତୀ ସମୟରେ ପ୍ରବର୍ତ୍ତିତ ହୋଇଅଛି। ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ଅନୁସାରେ ପୂଜାକାଳ ନିରୂପିତ ହୋଇ ଆସୁଥିବାବେଳେ ବିରଜା ମଣ୍ଡଳରେ ଶତାନନ୍ଦଙ୍କର ଭାସ୍ୱତୀ ଅଦ୍ୟାବଧି ଅନୁସୃତ ହୋଇ ଆସୁଅଛି। ତେଣୁ ଓଡ଼ିଶାର ପଞ୍ଜାଙ୍ଗ ଉପରେ ଉଭୟ ଶ୍ରୀଜଗନ୍ନାଥ ଏବଂ ବିରଜାଙ୍କୁ କେନ୍ଦ୍ରକରି ପ୍ରଭାବ ପଡ଼ିଥିଲେ ମଧ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଅତି ବ୍ୟାପକ ଏବଂ ଗଭୀର।

ପ୍ରତ୍ୟେକ ଚାନ୍ଦ୍ରମାସରେ ଦୁଇଟି ପକ୍ଷ ଥାଏ। ଯଥା - କୃଷ୍ଣ ପକ୍ଷ ଓ ଶୁକ୍ଳପକ୍ଷ। ତେବେ ମାସର କେଉଁ ପକ୍ଷଟି ପ୍ରଥମ ଏବଂ କେଉଁ ପକ୍ଷଟି ଦ୍ୱିତୀୟ, ସେ ସଂପର୍କରେ ଐକମତ୍ୟ ନାହିଁ। ସମଗ୍ର ଦକ୍ଷିଣ ଭାରତ ଏବଂ ଅନ୍ୟତ୍ର ଅମାବାସ୍ୟା ଦିନ ଚନ୍ଦ୍ରମାସ ସମାପ୍ତ ହେଉଥିବାରୁ ଶକ୍ଳପକ୍ଷଟି ମାସର ପ୍ରଥମ ପକ୍ଷଭାବେ ଗୃହୀତ ହୋଇଥାଏ। କିନ୍ତୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ପାଇଁ ଏହି କ୍ରମ ଅନୁସୃତ ହୋଇନଥାଏ। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ନିମନ୍ତେ ଚାନ୍ଦ୍ରମାସର ଶେଷ ଦିନଟି ହେଉଛି ପୂର୍ଣ୍ଣିମା। ସୁତରାଂ ପୂର୍ଣ୍ଣିମାନ୍ତ ମାସ ହିଁ ଜଗନ୍ନାଥଙ୍କ ପାଇଁ ଉଦ୍ଦିଷ୍ଟ। ଏହି ବିଧାନକୁ ଅନୁସରଣ କରି ସାରା ଓଡ଼ିଶାର ପଞ୍ଜାଙ୍ଗରେ ପ୍ରଥମ ପକ୍ଷଟି କୃଷ୍ଣପକ୍ଷ ଏବଂ ଦ୍ୱିତୀୟ ପକ୍ଷଟି ଶୁକ୍ଳ ପକ୍ଷ ଭାବରେ ଗୃହୀତ ହୋଇଥାଏ।



ସାଧାରଣତଃ ଆଷାଢ଼ କୃଷ୍ଣପକ୍ଷରେ ଶ୍ରୀଜଗନ୍ନାଥଙ୍କ ଅନବସର ଅନୁଷ୍ଠିତ ହୁଏ। ଯେଉଁ ବର୍ଷ ଆଷାଢ଼ ଚାନ୍ଦ୍ରମାସ ଅଧିକ (ମଳ) ହୁଏ, ସେ ବର୍ଷ ନବକଳେବର ଅନୁଷ୍ଠିତ ହୁଏ। ଏ ବର୍ଷ ଅନବସର ନିମନ୍ତେ ତିନୋଟି ପକ୍ଷ ଅର୍ଥାତ୍ ୪୫ ଦିନ ଏକାଦିକ୍ରମେ ଆବଶ୍ୟକ। ଏହି ୪୫ ଦିନ ମଧ୍ୟରୁ ପ୍ରଥମ ପନ୍ଦର ଦିନ ଶୁଦ୍ଧ କୃଷ୍ଣପକ୍ଷ ସବୁ ବର୍ଷ ପରି ସାଧାରଣ ଅନବସର ଏବଂ ପରବର୍ତ୍ତୀ ୩୦ ଦିନ ମଳ ମାସ ନବକଳେବର ପାଇଁ ଉଦ୍ଦିଷ୍ଟ। ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଶାରେ ପଞ୍ଜାଙ୍ଗର ଆରମ୍ଭ ହେଉଥିଲେ ମଧ ଫାଲଗୁନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରାରେ ଦୋଳପୂର୍ଣ୍ଣିମା ଦିନ ଶ୍ରୀଜୀଉଙ୍କ ନିକଟରେ ଆଗାମୀ ବର୍ଷର କାଳାନୁପାତି ଫଳାଫଳ ପାଠ କରାଯାଏ। ଶ୍ରୀଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବତା ହୋଇଥିବାରୁ ରାଷ୍ଟ୍ରମୁଖ୍ୟଙ୍କ ନିକଟରେ ରାଜଜ୍ୟୋତିଷୀ କାଳଗଣନା କରି ତାହାର ଭବିଷ୍ୟତ ଫଳ ଶୁଣାଇଥାଆନ୍ତି ପୂର୍ବ ବର୍ଷର ଶେଷ ଦିନରେ। ଏହି ପରିପ୍ରେକ୍ଷୀରେ ଫାଲଗୁନ ପୂର୍ଣ୍ଣିମା ବର୍ଷର ଶେଷ ଦିନ। ତା ପରେ ଦିନ ଚୈତ୍ରମାସ ଆରମ୍ଭ ହେଉଥିବାରୁ ଏହା ପରବର୍ତ୍ତୀ ବର୍ଷର ଦିନ। ଏହି ପରାମ୍ପରାକୁ ଅନୁସରଣ କରି ଓଡ଼ିଶାରେ ସର୍ବତ୍ର ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କୁ ଦୋଳାରେ ବସାଇ ପଞ୍ଜିକା ପାଠ ଓ ଶ୍ରବଣ କରାଯାଏ। ଶ୍ରୀଜଗନ୍ନାଥଙ୍କର ଏହି ଉତ୍ସବ ଏବଂ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଓଡ଼ିଶାର ପଞ୍ଜାଙ୍ଗରେ ଏ ବିଷୟରେ ସ୍ୱତନ୍ତ୍ର ଉଲ୍ଲେଖ ଥାଏ।

ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଓ ପ୍ରଣୀତ ପଞ୍ଜାଙ୍ଗମାନଙ୍କ ଅପେକ୍ଷା ଓଡ଼ିଶାର ପଞ୍ଜାଙ୍ଗରେ କେତେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ। ବୈଦିକ, ପୌରାଣିକ ଓ ଆଗମିକ ବ୍ୟବସ୍ଥା ଅନୁସାରେ ପଞ୍ଜାଙ୍ଗରେ ନାନା କାର୍ଯ୍ୟକ୍ରମ ପାଇଁ ନାନା ସମୟ ନିର୍ଦ୍ଧାରିତ ହେଉଥିଲେ ହେଁ ଏହାର ସର୍ବଭାରତୀୟ ସ୍ୱୀକୃତି ଅଛି କିନ୍ତୁ ଓଡ଼ିଶାରେ ଯେଉଁ ସ୍ୱାତନ୍ତ୍ର ଅଛି, ତାହା କେବଳ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଯୋଗୁଁ ସମ୍ଭବ ହୋଇପାରିଛି। ଶ୍ରୀମନ୍ଦିରର ସର୍ବବିଧ ପୂଜା ଓ ପର୍ବପର୍ବାଣୀ ନିମନ୍ତେ ସୂର୍ଯ୍ୟୋଦୟକାଳୀନ ତିଥିକୁ ଗ୍ରହଣ କରାଯାଉଥିବାରୁ ଶ୍ରୀଜଗନ୍ନାଥଙ୍କର ସେବାପୂଜା ଓ ପର୍ବପର୍ବାଣୀ ନିମନ୍ତେ କର୍ମକାଳ ଠିକଣା କରିବାରେ କୌଣସି ଅସୁବିଧା ହୁଏ ନାହିଁ, ଯାହାକି ଅନ୍ୟ ଅଞ୍ଚଳରେ ନଥିବାରୁ ଘୋର ଅସୁବିଧା ସମ୍ମୁଖୀନ ହେବା ଅବସ୍ଥା ପରିଲକ୍ଷିତ ହୋଇଥାଏ। ସୁତରାଂ ଓଡ଼ିଶାର ପଞ୍ଜାଙ୍ଗରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବକୁ ଆଧାର କରି ଏଥିରେ ଦେଖାଦେଇଥିବା ପାର୍ଥକ୍ୟ, ବୈଷମ୍ୟ ଓ ସାର୍ବଜନୀନତାର ମୂଳତତ୍ତ୍ୱ ଖୋଜି ବାହାର କରିବା ପାଇଁ ଗବେଷଣା ହେଲେ ଜଗନ୍ନାଥ କୈନ୍ଦ୍ରିକ ଉତ୍କଳୀୟ ସଂସ୍କୃତିର ଯୁକ୍ତିଯୁକ୍ତତା ପ୍ରତିଷ୍ଠିତ ହୋଇପାରିବ।


ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


## ଜଗନ୍ନାଥ ହେ...

**॥ ଅଭୟ କୁମାର ଦାସ ॥**

ମହାପ୍ରଭୁ ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ। ଆସୁଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ସାଧାରଣ ମଣିଷଟିଏ ପରି ପୁରୁଷୋତ୍ତମ ମହାପ୍ରଭୁଙ୍କର ଏଇ ଲୌକିକ ଲୀଳା ସତରେ ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ। ଏକ ଅଲୌକିକ ରହସ୍ୟମୟ ମହାସତ୍ତା କେତେ ସସୀମବର୍ତ୍ତୀ ହୋଇଯାଏ ଏଇ ଉତ୍କଣ୍ଠିତ ସାଧାରଣ ମଣିଷଙ୍କ ମେଳ ଭିତରେ। ଅପୂର୍ବ ଛନ୍ଦରେ, ଠାଣିରେ, ପରମ୍ପରାରେ ସେ ତାଙ୍କର ଯାତ୍ରା ଆରମ୍ଭ କରନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିହ୍ୱଳିତ ଓ ବିମୋହିତ ହୋଇଯାଏ ତାଙ୍କର ଆରାଧ ଦେବତାଙ୍କୁ ସାମ୍ନାରେ ପାଇ।

ଆମ ଆଦିମ ଅଧିବାସୀ ଶବର ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ଦାରୁଦେବତା ପ୍ରଭୁ ନୀଳମାଧବ କାଳକ୍ରମେ ଜଗନ୍ନାଥ ରୂପ ବିଗ୍ରହ ଧାରଣ କରି ପୂଜିତ ହୋଇ ଚାଲିଛନ୍ତି ବୋଲି ଶ୍ରୁତି ରହିଛି। ସେ ବ୍ରହ୍ମ, ସେ ବିଷ୍ଣୁ, ସେ ହିଁ ନାରାୟଣ। ‘ଓଁ କ୍ଲୀଂ କୃଷ୍ଣାୟେ, ଗୋବିନ୍ଦାୟେ, ଗୋପୀକାଜନବଲ୍ଲଭେ ନମଃ’ର ମାନ୍ତ୍ରିକ ଉଚ୍ଚାରଣରେ ପୂଜିତ ହେଉଥିବା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ବୋଲି ମଧ ବିଚାର କରାଯାଏ। ଲୋକକଥା ମଧ ରହିଛି ଯେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାର ପରିସମାପ୍ତି ପରେ ପରେ ସେ ପୂର୍ବ ଭାରତର ଏହି ପୁଣ୍ୟପୀଠରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭୁତ ହେଲେ। ଏଣୁ ସକଳ ବୈଷ୍ଣବ ସଂପ୍ରଦାୟଙ୍କର ସେ ମଧ ଆରାଧ ଦେବତା ଯାହା ଶ୍ରୀଚୈତନ୍ୟଙ୍କ ଦ୍ୱାରା ଅଧବକ ସଂପ୍ରସାରିତ ଓ ଗୃହୀତ ହୋଇଆସିଛି। ବୈଷ୍ଣବ ମତାନୁସାରେ ସେ ହେଉଛନ୍ତି ଶ୍ରୀକୃଷ୍ଣ, ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ଭଉଣୀ ସୁଭଦ୍ରାଙ୍କର ସମାବେଶରେ ସେ ବିରାଜିତ। ଏହି ଯଶୋଦା କନ୍ୟା ସୁଭଦ୍ରା ଭାଇ ଦୁଇ ଜଣଙ୍କୁ ମହାପ୍ରତାପୀ କଂସଙ୍କ କବଳରୁ ବଞ୍ଚାଇଥିବାରୁ ସେ ତାଙ୍କର ଅତି ଆଦରର। ଅଦୈତବାଦାନୁସାରେ ଏହି ମହାଦେବୀ ସୁଭଦ୍ରା ଯୋଗମାୟା ଓ ଯୋଗନିଦ୍ରା ଭାବେ ମଧ ପରିଚିତା। ସେ ପୁଣି ଅଖଣ୍ଡ, କାଳ ବା ସମୟଚକ୍ରର ସ୍ରଷ୍ଟାଦେବୀ। ସୁଦର୍ଶନ ହେଉଛନ୍ତି ମହାଭାରତର କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସମ୍ମିଳିତ ରୂପ ଯାହାଙ୍କୁ ନାରଦ ପ୍ରତ୍ୟକ୍ଷ କରି କଳିଯୁଗରେ ଆବିର୍ଭାବ ହେବା ପାଇଁ ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କରିଥିଲେ। ଆମ ଭାରତୀୟ ପରମ୍ପରାରେ ଭଉଣୀ ସହିତ ପ୍ରଭୁ ପୂଜିତ ହେବାର ସ୍ୱତନ୍ତ୍ରତା ରହିଛି।



ଅନ୍ୟପକ୍ଷରେ ବୌଦ୍ଧ ଧର୍ମର ବୁଦ୍ଧ, ଧମ୍ମ ଓ ସଂଘର ମହତ୍ତ୍ୱ ରତ୍ନସିଂହାସନରେ ଉପବିଷ୍ଟ ଏହି ଚତୁର୍ଦ୍ଧାମୂର୍ତ୍ତିରେ ସମାବିଷ୍ଟ ବୋଲି ବୌଦ୍ଧ ଧର୍ମର ଲୋକମାନଙ୍କର ବିଶ୍ୱାସ ମଧ ରହିଛି। ଏହି ଧମ୍ମ ସଦାବେଳେ ନାରୀର ପ୍ରତିନିଧିତ୍ୱ କରିଥାଏ ବୋଲି ତହିଁରେ କୁହାଯାଇଛି। ଆଉ ରତ୍ନବେଦୀ ଐଶ୍ୱର୍ଯ୍ୟର ଭଣ୍ଡାର ବୋଲି ବିଶ୍ୱାସ ରହିଛି। ମୋଟ ଉପରେ କୁହାଯାଇପାରେ ଯେ ପ୍ରଭୁ ପୁରୁଷୋତ୍ତମଙ୍କର ଏହି ଆସ୍ଥାନରେ ରହିଛି ବିଷ୍ଣୁ, ଶୈବ, ବୈଷ୍ଣବ ଓ ବୌଦ୍ଧ ବିଶ୍ୱାସୀଙ୍କର ପରମ ଆସ୍ଥା ଏବଂ ଅନାବିଳ ବିଶ୍ୱାସ। ଏହି ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା ସ୍ୱୟଂ ପ୍ରଭୁଙ୍କର ବୋଲି ଆମେ ବିଶ୍ୱାସ କରିଆସିଛୁ, କାରଣ ଏହାର ତତ୍ତ୍ୱକୁ ଯେତେ ବିଶ୍ଳେଷଣ କଲେ ମଧ ଏହା ଅଲୌକିକରେ ଲୌକିକ ଓ ରହସ୍ୟରେ ପରମ ଅଖଣ୍ଡ ବିଶ୍ୱାସରେ ଅଧିଷ୍ଠିତ। ଗୋଲାକାର ଦାରୁ ବିଗ୍ରହର ଅନୁପମ ରୂପ ଓ ମହିମା ଚିରକାଳ ଆମକୁ ବାନ୍ଧି ରଖିଆସିଛି। ଜଗତର ସବୁ ରଙ୍ଗ ତାଙ୍କଠି ଠୁଳ। ବିସ୍ଫାରିତ ପଲକବିହୀନ ନେତ୍ର ଯୁଗଳରେ ସେହି ପରମ କାରୁଣିକ ଅହୋରାତ୍ର ତାଙ୍କର ସୃଷ୍ଟି ଜଗତକୁ ଚାହିଁ ରହିଛନ୍ତି। ସକଳ ପ୍ରାଣୀଙ୍କୁ ନିରୀକ୍ଷଣ କରିଚାଲିଛନ୍ତି।

ସଂସାରରେ କିଛି ହିଁ କିଛି ତାଙ୍କ ଅଗୋଚରରେ ରହେ ନାହିଁ। ଯୁଗଯୁଗ ଧରି ବହୁ ପ୍ରାଜ୍ଞ ପଣ୍ଡିତ ତାଙ୍କରି ମହିମା ବର୍ଣ୍ଣନା କରି ମଧ ତାହା ଅସରନ୍ତି ରହିଛି। ସେହି ପୁରୁଷୋତ୍ତମଙ୍କ ମହିମା ବର୍ଣ୍ଣିବା ପାଇଁ ଭାଷା ବି କାହିଁ। ତାଙ୍କରି ବଡ଼ ଦେଉଳ ପାଖରେ ସମସ୍ତେ ଶରଣାଗତ; ତାଙ୍କରି ବଡ଼ଦାଣ୍ଡର ଧୂଳିରେ ସବୁ ଗର୍ବ ଅହଂକାର ଝରିପଡ଼ି ଭୂପତିତ ହୋଇଯାଏ। ତାଙ୍କରି କରୁଣା ଟିକିଏ ପାଇଁ ସମସ୍ତେ ଉର୍ଦ୍ଧ୍ୱବାହୁ ହୋଇ ପ୍ରାର୍ଥନା କରନ୍ତି। ସବୁ ଯାଚନା, ଆକୁତି ଓ ପ୍ରାର୍ଥନା ତାଙ୍କରି ଆଶିଷ ପାଇଁ, ଶ୍ରଦ୍ଧାର ବାଲିକଣାଟିଏ ପାଇଁ। ସେହି ମହାପ୍ରଭୁ ଆଜି ତାଙ୍କର ଅଗଣିତ ଭକ୍ତଙ୍କ ସମ୍ମୁଖରେ ଉଭା। ସବୁରି କଣ୍ଠରେ ଯେପରି ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ। ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଏକାଠି ସମବେତ ଲକ୍ଷ ଲକ୍ଷ ଜନତା। ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ପାଇଁ। ପ୍ରଭୁ ଆଶିଷ ଦିଅନ୍ତୁ ତାଙ୍କର ଏହି ଦିବ୍ୟ ଯାତ୍ରା ନିର୍ବିଘ୍ନରେ, ତାଙ୍କରି କରୁଣାରେ ସମାପନ ହେଉ ଜଗତବାସୀଙ୍କର ମଙ୍ଗଳ କାମନା କରି ସେହି ଜଗନ୍ନାଥଙ୍କୁ ଏଇ ବିନମ୍ର ପ୍ରାର୍ଥନା।


ଗୋଡରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭


## କାନ୍ଧରେ ଆସନ୍ତି ଦେବୀ ସୁଭଦ୍ରା

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଆଜି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା, ପତିତପାବନ ଯାତ୍ରା। ବଡ଼ଦାଣ୍ଡରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହ ଅଗଣିତ ଭକ୍ତଜନଙ୍କୁ ଆଶୀର୍ବାଦର କୃପାବାରିଧାରାରେ ବୁଡ଼ାଇ ଦିବ୍ୟ ଦର୍ଶନ ପାଇଁ ଆଗମନ କରିଥାନ୍ତି। ବଡ଼ଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ପହଣ୍ଡି ଆସନ୍ତି । ପ୍ରଭୁ ବଳଭଦ୍ରଙ୍କ ପହଣ୍ଡିରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୁଏ। ସେବକଙ୍କ ଗହଣରେ ଟାହିଆ ହଲାଇ ହଲାଇ ଦୁଇଠାକୁର ପହଣ୍ଡି କରି ଆସୁଥିବା ବେଳେ ଭଉଣୀ ସୁଭଦ୍ରା ପହଣ୍ଡନ୍ତି ନାହିଁ । ସେ ସେବକଙ୍କ କାନ୍ଧ ଓ ମୁଣ୍ଡରେ ବିଜେ କରନ୍ତି । ସ୍ନାନଯାତ୍ରାରେ ସ୍ନାନବେଦୀ ହେଉ କି ରଥଯାତ୍ରାରେ ରଥ, ଜନ୍ମବେଦୀକୁ ହେଉ କି ବାହୁଡ଼ାରେ ରଥକୁ ହେଉ କିମ୍ବା ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ ହେଉ, ସବୁବେଳେ ମା’ସୁଭଦ୍ରା ସେବକଙ୍କ କାନ୍ଧ ଓ ମୁଣ୍ଡରେ ଯାଇଥାନ୍ତି । ଭଉଣୀ ଭାଇ ସାଙ୍ଗରେ ସ୍ନାନ, ରଥଯାତ୍ରା, ବାହୁଡ଼ାଯାତ୍ରା କରୁଥିବାବେଳେ ଦେବୀଙ୍କ କ୍ଷେତ୍ରରେ ଏହି ବ୍ୟତିକ୍ରମ କାହିଁକି ବୋଲି ପ୍ରଶ୍ନ ଉଠେ । ଏ ବିଷୟରେ ଅନେକେ ଅନେକ କଥା କୁହନ୍ତି । ଗବେଷକ ଡ. ନରେଶ ଦାଶଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କର ଏହା ମାନବୀୟ ଲୀଳା । ଶାସ୍ତ୍ର, ପୁରାଣ, ସବୁଠି ରହିଛି ନାରୀ ସବୁବେଳେ ଆଦରଣୀୟା । ସେ କୋମଳ, ତାଙ୍କୁ କେବେ କଷ୍ଟ ଦେବା କଥା ନୁହେଁ । ନାରୀର ସ୍ଥାନ ସର୍ବଦା ଉଚ୍ଚରେ । ତାଙ୍କୁ ମୁଣ୍ଡାଇ ରଖିବା କଥା । ଏହି ଉକ୍ତିର ଯଥାର୍ଥ ପ୍ରମାଣ ହେଉଛି ଦେବୀ ସୁଭଦ୍ରାଙ୍କ ବିଜେ । ସେ ନାରୀ, ଜଗଜ୍ଜନନୀ ମାଆ । ତାଙ୍କୁ ଠେଲି ଠେଲି ବା ଟାଣି ଟାଣି ଆଣି ହେବନାହିଁ । ସେ ସର୍ବଦା ପୂଜ୍ୟା । ତେଣୁ ତାଙ୍କୁ ସେବକମାନେ କାନ୍ଧରେ ବା ମୁଣ୍ଡରେ ଟେକି ଟେକି ଆଣିଥାନ୍ତି । ଦେବୀ ସୁଭଦ୍ରାଙ୍କ ରଥରେ ସୁଦର୍ଶନ ରହିବାପରେ ନାରୀ ହୃଦୟରେ ଯେଉଁ ମହାନନ୍ଦ ପ୍ରକାଶ ପାଏ, ସେହି ମହାନନ୍ଦରେ ବିଭୋରହୋଇ ଜଗତ୍‌ଜନନୀ ମା’ସୁଭଦ୍ରା ଚଳତ୍ ଶକ୍ତିହୀନା ହୋଇପଡ଼ନ୍ତି। ତେଣୁ ଦଇତାମାନେ ତାଙ୍କୁ କାନ୍ଧେଇକରି ନେଇଯାଆନ୍ତି। ସୁଭଦ୍ରା ହେଉଛନ୍ତି ମହାଶକ୍ତି। ସେ ଆଦ୍ୟା ହେତ୍ ଅନ୍ଧକାରବର୍ଣ୍ଣା। ସେଥିପାଇଁ ତାଙ୍କ ରଥ କୃଷ୍ଣବର୍ଣ୍ଣ। ଦେବୀ ସୁଭଦ୍ରା ରଥାରୂଢ଼ା ହେଲାପରେ




ମହାଭୈରବ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୁଏ। ଏହି ପହଣ୍ଡି ପୂର୍ବରୁ ସୁଦର୍ଶନ ଶକ୍ତିଙ୍କ ସହ ସଂଯୁକ୍ତ ହୋଇଥିବାରୁ ଆନନ୍ଦଉଲ୍ଲାସ ମଧ୍ୟରେ ଟାହିୟା ହଲାଇ ହିନ୍ଦୁତନ୍ତ୍ରର ମହାଭୈରବପ ଜଗନ୍ନାଥଙ୍କର ଆଗମନ ହୁଏ। ମହାପ୍ରଭୁ ସ୍ୱୟଂ ଦେବୀ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପ୍ରଥା କରି ନାରୀଙ୍କ ପ୍ରତି ସମ୍ମାନ ପ୍ରତିପାଦନ କରିଛନ୍ତି । ସେହିପରି ଦେବୀ ସୁଭଦ୍ରାଙ୍କ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ମାଆକୁ ପୁଅ ବା ଭଉଣୀକୁ ଭାଇ କେବେ କଷ୍ଟ ଦେଇ ନେଇପାରେ ନାହିଁ । ନାରୀକୁ ମୁଣ୍ଡରେ ବସାଯାଏ । ମାଆ, ଭଉଣୀ ଓ ପତ୍ନୀ ସର୍ବଦା ପୂଜନୀୟା । ତେଣୁ ମାଆ ସୁଭଦ୍ରାଙ୍କୁ ଟେକି ଟେକି ନେବାର ପରମ୍ପରା ରହିଛି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନବଦିନଯାତ୍ରା ବୋଲି କୁହାଯାଏ। କାରଣ ଏହି ଯାତ୍ରା ନଅଦିନ ବ୍ୟାପୀ ହୁଏ। ନ’ଏକ ପରିପୂର୍ଣ୍ଣ ସଂଖ୍ୟା। ୯ଢ଼୧=୯, ୯ଢ଼୨=୧୮ (୧+୮=୯) ତାନ୍ତ୍ରିକ ମତରେ ନ ଅତ୍ୟନ୍ତ ଶୁଭପ୍ରଦ। ଆଷାଢ଼ ଶୁକ୍ଳ ଦଶମୀରେ ଶ୍ରୀଜୀଉଙ୍କରଥ ସିଂହଦ୍ୱାରରେ ଲାଗିଲେ ମଧ ସେ ଦିନ ଦିଅଁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ। ସାଧାରଣତଃ ନ’ମାସ ମାତୃଗର୍ଭରେ ସନ୍ତାନ ରହେ। ଦଶମାସ ପରେ ସନ୍ତାନ ଭୂମିଷ୍ଠ ହୁଏ। ସେଥିପାଇଁ ଏହା ହେଉଛି ନବଦିନ ଯାତ୍ରା। ତେଣୁ ଦଶମୀ ଏକାଦଶୀ ଦିନ ରଥରେ ରହି ଦ୍ୱାଦଶୀ ଦିନ ଶ୍ରୀମନ୍ଦିରକୁ ବିଜେ କରନ୍ତି।


ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ




# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ବିଜେପି କର୍ମୀଙ୍କ ବିରୋଧରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବି ପତ୍ର ପ୍ରଦାନ



**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ବିଜେପି ଯୁବ ମୋର୍ଚ୍ଚା ର କର୍ମୀ ମାନଙ୍କୁ ଗିରଫ କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ମହାନିର୍ଦ୍ଦେଶକ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ସୂଚନା ଯେ ଗତ ଜୁଲାଇ ୨ ତାରିଖ ଦିନ ଅପରାହ୍ନ ସମୟରେ ଭାରତୀୟ ଜନତା ଦଳ ର ଯୁବ ମୋର୍ଚ୍ଚାର ନେତା ତଥା କର୍ମୀ ମାନେ ମିଶି ରାଜ୍ୟ କଂଗ୍ରେସ ଭବନ ସମ୍ମୁଖକୁ ଆସି ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଲୋକସଭାର ବିରୋଧର ନେତା ରାହୁଲ ଗାନ୍ଧୀ ଙ୍କ ଉକ୍ତି ଗୁଡ଼ିକ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ ପାଇଁ ନ ଥିଲା, ସେଥିରେ ସେ କିଛି ନିର୍ଦ୍ଦିଷ୍ଟ ଦଳ କୁ ଧର୍ମ ନାଁ ରେ ହିଂସା କରୁଥିବା କହିଥିବା ବେଳେ, ସେମାନେ କଂଗ୍ରେସ ଭବନ ସମ୍ମୁଖରେ ରଖାଯାଇଥିବା ରାହୁଲ ଗାନ୍ଧୀ ଙ୍କର ପୋଷ୍ଟରରେ ଗୋବର ଫିଙ୍ଗିଥିଲେ। ସେମାନେ କଂଗ୍ରେସ ଭବନରେ ପଥର ଫିଙ୍ଗି ଥିଲେ , ଯାହା ଫଳରେ ୬ ଜଣ କଂଗ୍ରେସ କର୍ମୀ ଆଘାତ ମଧ୍ୟ ହୋଇଥିଲେ । ତେବେ ଏସବୁ ଘଟଣା ପୋଲିସର ଉପସ୍ଥିତିରେ ହୋଇଥିଲା ବେଳେ କମିଶନ ପୋଲିସ ପ୍ରଶାସନ ସେମାନଙ୍କୁ କିପରି କଂଗ୍ରେସ ଭବନଙ୍କ ସାମ୍ନାକୁ ଆସିବାକୁ ଅନୁମତି ଦେଲା ? ଏହା ଏକ ସମ୍ପୂର୍ଣ୍ଣ ଆଇନ ବିରୋଧୀ ବୋଲି କଂଗ୍ରେସ କର୍ମୀ ମାନେ କହିଛନ୍ତି । ଏହି ଘଟଣାକୁ ନେଇ କ୍ୟାପିଟାଲ ପୋଲିସ ଷ୍ଟେସନରେ ଅଭିଯୁକ୍ତଙ୍କ ବିରୋଧରେ ସେହି ଦିନ ଏକ ଏଫ.ଆଇ.ଆର ଦାଖଲ କରାଯାଇଛି। ୭୨ଘଣ୍ଟା ପରେ ମଧ ପୋଲିସ ପଥର ଫିଙ୍ଗିବା ଏବଂ କଞ୍ଚା ଗୋବର ଫିଙ୍ଗିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିନଥିଲା ଯାହା ଫଳରେ ଅନୁଗୋଳ ଜିଲ୍ଲା କଂଗ୍ରେସ ର ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଥାନା ଛକ ଠାରୁ ଏକ ଶୋଭାଯାତ୍ରା ରେ ଆସି ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ସହ ସେଠାରେ ନାରାବାଜି କରିଥିଲେ ଏବଂ ଜିଲ୍ଲା ସହ ଆରକ୍ଷୀ ଅଧିକ୍ଷକ ଙ୍କ ଜରିଆରେ ପୋଲିସ ମହା ନିର୍ଦ୍ଦେଶକ ଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।

# କେଉଁଠି ଏବେ ଶ୍ରୀରଘୁନାଥ ଓ ଲଡୁବାବାଙ୍କ ୪୭୫ ଏକର ଜମି

## ଅଧିକାଂଶ ଜମିର ମିଳୁନି ପତ୍ତା

**ନୟାଗଡ଼,(ମହାଭାରତ) :** ଶରଣକୁଳର ଲଡୁବାବା ଓ ଓଡ଼ଗାଁର ଶ୍ରୀରଘୁନାଥ ଜିଉଙ୍କ ପ୍ରଚୁର ସମ୍ପତ୍ତି ରହିଛି। ଦୁଇ ମନ୍ଦିରକୁ ଅନୁଧ୍ୟାନ କଲେ ପାଖାପାଖି ୧୧୯୫ ଏକର ଜମି ଥିବା ଏକ ଆକଳନରୁ ଜଣାପଡ଼ିଛି। ସେଥି ମଧ୍ୟରୁ ୭୨୦ ଏକର ଜମି ମନ୍ଦିର ସେବାୟତଙ୍କ ହାତରେ ଥିବା ବେଳେ ଅନେକ ଜମିର ପତ୍ତା ମିଳୁନି। କିଛି ଜମି ଲିଜ୍ ଆକାରରେ ଦିଆଯାଇଥିଲେ ମଧ୍ୟ ଇଞ୍ଚେ ଜମି ଠାକୁରଙ୍କ ଖାତାକୁ ଫେରିନଥିବା ଜଣାପଡ଼ିଛି। ଏବେବି ଜମି ବଣ୍ଟନ ପ୍ରକ୍ରିୟା ଚାଲୁ ରହିଥିବା ଭିତିରି ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନାରୁ ପ୍ରକାଶ, ନୟାଗଡ଼ ଜିଲ୍ଲାର ପ୍ରମୁଖ ଲଡୁବାବା ଓ ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର ରାଜରାଜୁଡ଼ା ସମୟରେ ନିର୍ମାଣ ହୋଇଥିଲା। ସେହି ସମୟରେ ରାଜା ସେବାୟତ ମାନଙ୍କୁ ନିୟୋଜିତ କରି ଜମି ପ୍ରଦାନ କରିଥିଲେ। ଦେଖିବାକୁ ଗଲେ ଲଡୁବାବା ମନ୍ଦିରର ୮୬୬ ଏକର ୫୭ ଡେସିମାଲ ଜମି ରହିଛି। ସେଥିମଧ୍ୟରୁ ଲଡୁବାବାଙ୍କ ବିଜେସ୍ଥଳୀ ଦେଢ଼ ଏକର ରହିଥିବା ବେଳେ ୬ ଶହ ଏକର ଜମି ସେବାୟତଙ୍କ ହାତରେ ରହିଛି। କିଛି ଜମିରେ ପୋଖରୀ, ନାଳ ଥିବା ଜଣାପଡ଼ିଛି। ଲଡୁବାବାଙ୍କ ସମ୍ପତ୍ତିର ମୂଲ୍ୟ ଆଜିର ଦିନରେ ୫ ଶହ କୋଟି ଟପିବାକୁ ବସିଥିବା ବେଳେ ଆଦାୟକୁ ନେଇ ଦେବୋତ୍ତର ବିଭାଗର ଚିନ୍ତା ବଢ଼ିଯାଇଛି। ସେବାୟତଙ୍କ ହାତରେ ଥିବା ଜମିରୁ ସେମିତି କିଛି ଆୟ ହେଉନାହିଁ। ବର୍ଷକୁ ମାତ୍ର ୧୪ ଲକ୍ଷ ୧୫ ହଜାର ଟଙ୍କା ଆଦାୟ ହେଉଥିବା ଦେବୋତ୍ତର ବିଭାଗ କହିଛି। ଫଳରେ ମନ୍ଦିରର ରକ୍ଷଣାବେକ୍ଷଣ, ଯାନିଯାତ୍ରା ଓ ବର୍ଷସାରା ଚାଲିଥିବା ପର୍ବପର୍ବାଣିରେ ବାଧା ସୃଷ୍ଟି ହେଉଛି। ସେହିପରି ଓଡ଼ଗାଁ ଶ୍ରୀରଘୁନାଥ ଜିଉଙ୍କର ୩୨୯ ଏକର ଜମି ରହିଛି। ରାଜାଙ୍କୁ ସ୍ୱପ୍ନାଦେଶ ପରେ ଏଠାରେ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ଜାନକୀ ପୂଜା ପାଇ ଆସୁଛନ୍ତି। କାଳକ୍ରମେ ଏହି ମନ୍ଦିର ନିର୍ମାଣ ହେବା ପରେ ରାଜା ସେବାୟତ ମାନଙ୍କୁ ନିୟୋଜିତ କରି ଜମି ଖଞ୍ଜାଇ ଦେଇଥିଲେ। ଶ୍ରୀରଘୁନାଥ ଜିଉଙ୍କ ବିଜେସ୍ଥଳୀ ଗୋଟିଏ ଏକର ଥିବା ବେଳେ ୧୨୦ ଏକର ଜମି ସେବାୟତ ମାନଙ୍କ ହାତରେ ରହିଛି। ଏବେବି ଅନେକ ଜମିର ପତ୍ତା ମିଳୁନଥିବା ବେଳେ ପ୍ରତିବର୍ଷ ସେବାୟତ ମାନେ ମନ୍ଦିରକୁ ଯାହା ଦିଅନ୍ତି ତାହା ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଆଜିର ଦିନରେ ଏହି ଜମି ୪ ଶହ କୋଟିରୁ ଊର୍ଦ୍ଧ୍ୱ





ହେବ ବୋଲି କୁହାଯାଉଛି। କିନ୍ତୁ ବର୍ଷକୁ ୭ ଲକ୍ଷ ୬୨ ହଜାର ଟଙ୍କା ଆୟ ବାବଦକୁ ଆସୁଥିବା ଜଣାପଡ଼ିଛି। ବର୍ତ୍ତମାନ ଠାକୁରଙ୍କ ଜମିକୁ ଶାଗମାଛ ଦରରେ ଲିଜ୍ ଆକାରରେ ଦିଆଯାଉଛି। ଦେବୋତ୍ତର ବିଭାଗ ପକ୍ଷରୁ ପ୍ରକୃତ ସେବାୟତ ଚିହ୍ନଟ କରି ସରକାରୀ ନିୟମ ଅନୁଯାୟୀ କେତେ ପରିମାଣର ଜମି ଦିଆଯିବ ତାହା ଉପରେ ଆକଳନ କରିବା ସହିତ ବାକି ଜମି ଦେବୋତ୍ତର ଖାତାକୁ ଫେରାଇ ଅଣାଯାଉ ବୋଲି ଦାବି ଉଠିଛି। ନଚେତ୍ ଠାକୁରଙ୍କ ମୂଲ୍ୟବାନ ଜମି ଧିରେ ଧିରେ ହାତରୁ ଖସିଯିବ ବୋଲି ମତପ୍ରକାଶ ପାଇଛି। ଏଥି ସହିତ ଠାକୁରଙ୍କ ନୀତି ଉପରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ଲଡୁବାବା ଓ ରଘୁନାଥ ଜିଉ ମନ୍ଦିରକୁ ଶହଶହ ଭକ୍ତଙ୍କ ସୁଅ ଛୁଟିଥାଏ। କିନ୍ତୁ ମନ୍ଦିରରେ ଭକ୍ତଙ୍କ ପାଇଁ ସେମିତି କିଛି ସୁବିଧା ମିଳିନଥାଏ। ପ୍ରସାଦ ସେବନ କରିବାକୁ ହେଲେ ଭକ୍ତ ମାନଙ୍କୁ ଚଢ଼ା ଦରରେ ଭୋଗ କିଣିବାକୁ ପଡ଼ିଥାଏ। ଠାକୁରଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ମନ୍ଦିରର ନିଷ୍ପତ୍ତି ଅନୁସାରେ ଭୋରୁ ମନ୍ଦିର ପହୁଡ଼ ଖୋଲି ଦିନ ୧୨ଟାରେ ପହୁଡ଼ ହୁଏ। ମନ୍ଦିର ୫ ଘଣ୍ଟା ବନ୍ଦ ରହିବା ପରେ ସନ୍ଧ୍ୟା ୬ଟାରେ ଭକ୍ତମାନେ ଠାକୁର ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଏହି ନିୟମ ବଦଳାଇ ମଧ୍ୟାହ୍ନ ଗୋଟାଏ ରେ ପହୁଡ଼ କରି ଅପରାହ୍ନ ୪ଟାରେ ମନ୍ଦିର ଖୋଲିବାକୁ ଭକ୍ତ ଓ ସ୍ଥାନୀୟ ଲୋକେ ଦେବୋତ୍ତର ବିଭାଗ ନିକଟରେ ଦାବି କରି ଆସୁଛନ୍ତି କିନ୍ତୁ ଏହାକୁ ଗୁରୁତ୍ୱ ଦିଆଯାଉନଥିବାରୁ ଶ୍ରଦ୍ଧାଳୁମାନେ ବସିବ ସି ଫେରିଯାଉଥିବା ଜଣାପଡ଼ିଛି।

# ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ସହ କାର ଜବତ, ଜଣେ ଗିରଫ



**ଢେଙ୍କାନାଳ,(ମହାଭାରତ) :** ଦୋଲିପୁର୍ ଅବକାରୀ ବିଭାଗ ପକ୍ଷରୁ ଗୋପବନ୍ଧୁ ଛକରେ ଆଜି ଚଢ଼ାଉ କରି ୩୪ କେ.ଜି ଗଞ୍ଜେଇ ସହିତ ଏକ କାର ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଏବଂ ବୁଧବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦିନ ୧୦ : ୩୦ ମିନିଟରେ ଯାଜପୁର ରୋଡ଼ ଅବକାରୀ ବିଭାଗର ଅଧିକାରୀ ନାରାୟଣ ବେହେରା ସଦଳବଳେ ଗୋପବନ୍ଧୁ ଛକରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ଗଞ୍ଜେଇ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ତେବେ ଏହି ଗିରଫ ବ୍ୟକ୍ତି ଜଣକ ଢେଙ୍କାନାଳ ଜିଲ୍ଲା ଅଂଚଳର ତାରିଣୀ ମଲ୍ଲିକ ବୋଲି ଜଣାପଡିଛି। ସେପଟେ ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯୁକ୍ତକୁ ଗିରଫ କରିବା ପରେ କେସ ନମ୍ବର ୭୩/ ୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ । ଏହି ଚଢ଼ାଉରେ ସବ-ଇନସିପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା,ଏସ.ଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ମାଳତୀ ମାଝୀ ଓ ସୁଚିତ୍ରା ନାୟକଙ୍କ ସମେତ କର୍ମଚାରୀ ମାନେ ସାମିଲ ଥିଲେ । ସୂଚନା ଯୋଗ୍ୟ ଯେ ୧୫ଦିନ ତଳେ ଏହି ଗୋପବନ୍ଧୁ ଛକ ଠାରେ ଗଞ୍ଜେଇ ଜବତ ହୋଇ ଥିଲା। ଏହି ଛକ ଟି ବ୍ରାଉନ ସୁଗ୍ରାର ଗଞ୍ଜେଇ ମାଫିଆ ମାନଂକ ଆଡ୍ଡା ସ୍ଥଳୀ ହୋଇଚି । ପୋଲିସ୍ ଓ ଅବକାରୀ ବିଭାଗ କୁ ଚକମା ଦେଖାଇ ସେ ମାନଂକ ଚୋରା ବେବସାୟ ଜାରୀ ରଖିଛନ୍ତି ଛୋଟ ଛୋଟ ପିଲା ମହିଳା ମାନଙ୍କୁ ଏହି କାର୍ଯ୍ୟ ରେ ଲଗାଇ ପୋଲିସ୍ ଅବକାରୀ ବିଭାଗ କୁ ବୋକା ବନାଇଛନ୍ତି ।

# ବନ ମହୋତ୍ସବ ସପ୍ତାହରେ ବୃକ୍ଷ ରୋପଣ

**ଦେବଗଡ,(ମହାଭାରତ) :** ବନ ମହୋତ୍ସବ ସପ୍ତାହ ପାଳନ ପରିପ୍ରେକ୍ଷୀରେ ଆଜି ଦେବଗଡ ଜିଲ୍ଲାରଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ବିଦ୍ୟାର୍ଥୀ ମାନଙ୍କୁ ବୃକ୍ଷ ରୋପଣ ର ଆବଶ୍ୟକତା ଉପରେ ହୋଇଥିବା ଏକ ସଭାରେ ଦେବଗଡ଼ ଜିଲ୍ଲା ର ସୁନାମଧନ୍ୟ ପରିବେଶ ବିତ ତଥା ପ୍ରକୃତି ମିତ୍ର ଶ୍ରୀଯୁକ୍ତ ଲଳିତ ମୋହନ ସାହୁ ଓ ସତ୍ୟସାଇ ସେବା ସଂଗଠନ, ଦେବଗଡ଼ ଜିଲ୍ଲା ର ସଂଯୋଜକ ଶ୍ରୀଯୁକ୍ତ ସତ୍ୟ ପ୍ରଧାନ ଅତିଥି ଭାବରେ ଯୋଗ ଦାନ କରିଥିଲେ । ବରେଣ୍ୟ ଅତିଥି ଦ୍ୱୟ ବିଦ୍ୟାର୍ଥୀ ମାନଙ୍କ ସହ ବୃକ୍ଷ ରୋପଣ ର ପ୍ରୟୋଜନୀୟତା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ ।



କଲେଜ୍ ର ଏନ ଏସ ଏସ ଦାଇତ୍ୱ ରେ ଥିବା ଅଧ୍ୟାପକ ଶ୍ରୀ ବିକ୍ରମ କୁମାର ଜେନା ଙ୍କ ସଂଯୋଜନା ରେ ହୋଇଥିବା ଏହି ସଭା ରେ ଅଧକ୍ଷ ଡ଼ଃ ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ପୂର୍ବରୁ ଏହି ଉପଲକ୍ଷେ ହୋଇଥିବା ନିବନ୍ଧ ପ୍ରତିଯୋଗିତା ର କୃତୀ ବିଦ୍ୟାର୍ଥୀ ଆର୍ଯ୍ୟାନ୍ ସ୍ୱର୍ଣକାର, ସନ୍ତୋଷିନୀ ସାହୁ ଓ ରେଣୁକା କିଶାନଙ୍କୁ ଏହି ସଭାରେ ଅତିଥି ମାନେ ପୁରସ୍କୃତ କରିଥିଲେ । ସଭା ଶେଷରେ ଅତିଥି ,କଲେଜ୍ ର କର୍ମକର୍ତ୍ତା ଓ ବିଦ୍ୟାର୍ଥୀ ମାନେ କଲେଜ୍ ପ୍ରାଙ୍ଗଣ ରେ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଦେବଗଡ଼ ଜିଲ୍ଲା ସତ୍ୟସାଇ ସେବା ସଂଗଠନ ର ସଦସ୍ୟ ମାନେ ମହାବିଦ୍ୟାଳୟ କୁ ସହାୟତା କରିଥିଲେ। ସେହିପରି ଆଜି ଦେବଗଡ ଜିଲ୍ଲା ର ତିନି ବ୍ଲକ, ତିଲେଇବୋନି, ରିଆମାଳ,ବାରକୋଟ ବ୍ଲକ ର ବିଭିନ୍ନ , ସ୍ଥାନରେ ଦେବଗଡ ଫରେଷ୍ଟ ଡିଭିଜନ ଦ୍ୱାରା ଅସ୍ଥାୟୀ ତମ୍ବୁ କରି ,ପ୍ରତି ଗୋଟିଏ ଚାର। କୁ ଏକ ଟଙ୍କା ମୂଲ୍ୟରେ ଚାରା ବିତରଣ କେନ୍ଦ୍ର ଖୋଲିଛନ୍ତି ।

# ବିଧାୟକ ଅଭିମନ୍ୟୁ ସେଠୀ କୃଷି ବିଭାଗ ପକ୍ଷରୁ ଶୁଭେଚ୍ଛା

**ହାଟଡିହି,(ମହାଭାରତ) :** ହାଟଡିହି ବିଜୁ ଜନତା ଦଳର ନବ ନିର୍ବାଚିତ ବିଧାୟକ ଅଭିମନ୍ୟୁ ସେଠୀ ଙ୍କୁ ସବୁ ମହଲରୁ ଶୁଭେଚ୍ଛା ଓ ଶୁଭକାମନା ଦିଆଯାଉଥିବା ବେଳେ ଶୁକ୍ର ବାର ଦିନ ହାଟଡିହି କୃଷି ଅଧିକାରୀଣି ଭାମା ମଞ୍ଜରୀ ନାୟକ ଙ୍କ ସହ ପୁରା ବିଭାଗ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଉକ୍ତ କର୍ମଚାରୀ ମାନଙ୍କ ମଧ୍ୟରେ ନିରଞ୍ଜନ ରଥ, ଙ୍କ ସହ ଉମେଶ ପ୍ରଧାନ, ଜଗନ୍ନାଥ ପରିଡ଼ା, ରଞ୍ଜିତ କୁମାର ସାମଲ, ଶୋଭନା ପୁହାଣ, ସାଧନା ରାଉତ, ନିରଜା ନାୟକ, ବ୍ରଜ କିଶୋର ମୁଣ୍ଡା, କେଦାର ନାଥ ଭୋଳ, ସନୁଖାନ ଖାନ , ନନ୍ଦକିଶୋର ଓଝା, କାବେରୀ ମହାପାତ୍ର ଙ୍କ ମିଳିତ ଉଦ୍ୟମ ରେ ଶୁଭେଚ୍ଛା ପ୍ରଦାନ କରାଯାଇଥିବା ବେଳେ, ବିଧାୟକ ସେଠୀ କର୍ମଚାରୀ ମାନଙ୍କ ର ସମସ୍ୟା ଓ କୃଷକ୍ ମାନଙ୍କ ର ସମସ୍ୟାକୁ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।



# ହାଇସ୍କୁଲ ଓ କଲେଜ ଠାରେ ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ଗୋଲାମୁଣ୍ଡା,(ମହାଭାରତ) :** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଜି ସାରାଦେଶ ୭୫ତମ୍ ବନ ମୋହତ୍ସବ୍ ୨୦୨୪ ପାଳନ କରୁଥିବା ବେଳେ ପଞ୍ଚମ ଦିନରେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ତ କେଗାଁ ବନାଞ୍ଚଳ ତରଫରୁ ଗୋଲାମୁଣ୍ଡା ହାଇସ୍କୁଲ ଓ ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଗୋଲାମୁଣ୍ଡା ଏବିଇଓ ଲବଣି ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ବନପାଳ ରମେଶ ପଣ୍ଡା, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶି, ସିଆରସିସି ଥବିର ମାଝୀ ପ୍ରମୁଖ ଯୋଗଦେଇଥିଲେ। ବନ ବିଭାଗ ପକ୍ଷରୁ ବନପାଳ ଶ୍ରୀ ପଣ୍ଡା ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷର ଆବଶ୍ୟକତା ତଥା ଜଳବାୟୁ ପରିବର୍ତ୍ତନ ,ମୃତ୍ତିକା ସଂରକ୍ଷଣ ,ପ୍ରାକୃତିକ ଦୁର୍ବିପାକ, ସୁସ୍ଥ ଓ ସ୍ୱଚ୍ଛ ପରିବେଶ, ଟାଙ୍ଗରା ଭୂମିରେ ବୃକ୍ଷ, ରୋପଣ, ଏହା ନହେବା ଫଳରେ ଆଜି ସବୁ ଜଙ୍ଗଲ କାଟି କଂକ୍ରିଟ ଜଙ୍ଗଲ ରେ ମଣିଷ ସମାଜ ବାସ କରୁଛନ୍ତି । ଯାହା ଫଳରେ ବିବିଧ ସମସ୍ୟା ଆଡ଼କୁ ମଣିଷ ସମାଜ ଟାଣି ହେଉଛି। ଏହି ସମସ୍ୟା କୁ ଦୃଷ୍ଟି ରଖି ପ୍ରଧାନମନ୍ତ୍ରୀ ମାଁ ପାଇଁ ଗଛ ଟିଏ ପଦକ୍ଷେପ ପାଇଁ ଆହ୍ୱାନ ଦେଇଛନ୍ତି। ତେଣୁ ସମସ୍ତ ଛତ୍ର ଛାତ୍ରୀ ପ୍ରତିବର୍ଷ ଗୋଟିଏ ଗୋଟିଏ ଲେଖାଏଁ ବୃକ୍ଷରୋପଣ କଲେ ଆମଦେଶ ଜଙ୍ଗଲ ମୟ ଦେଖାଯିବ ବୋଲି ବନପାଳ ବାର୍ତ୍ତା ପ୍ରଦାନ କରିଥିଲେ ।

# ଭାରତୀୟ ନ୍ୟାୟ ସଂଗୀତା ସଚେତନତା କାର୍ଯ୍ୟକ୍ରମ

**ଜୁନାଗଡ,(ମହାଭାରତ) :** ଜୁନାଗଡ଼ ଥାନା ପରିସର ମଧ୍ୟରେ ନୂତନ ଭାବେ କାର୍ଯକାରୀ ହୋଇଥିବା ଅପରାଧିକ ଆଇନ କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା କ୍ଷ ସ୍ଥାନୀୟ ଥାନା ଅଧିକାରୀ ଉଲ୍ଲାସ ରାଉତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତଏହି କାର୍ଯ୍ୟକ୍ରମ ରେ ଜୁନାଗଡ଼ ଯେଏମଏଫସି କୋର୍ଟ ରେ କାର୍ଯରତ ସରକାରୀ ଓକିଲ ଅଶୋକ ନାଏକ, ଦିଗାମ୍ବର ନାଏକ ଜୁନାଗଡ ବାର ସଭାପତି କୈଳାସ ଚୌଧୁରୀ, ଏ ସ୍ ଆଇ ପୂର୍ଣଦାଶ ,ଭି. ସୋରେନ,ପ୍ରମୂଖ ମଞ୍ଚାସୀନ ଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଜୁଲାଇ ପହିଲା ରୁ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଲୋକେ ଏହି ନୂତନ ଆଇନ୍ ଦ୍ୱରା କିପରି ତ୍ୱରିତ ନ୍ୟାୟ ପାଇ ପାରିବେ ଏବ୍ଂ ସାଧାରଣ ନାଗରିକ କିପରି ଉପକୃତ ହୋଇପାରିବେ ଏହାର ବିଭିନ୍ନ ଧାରା ଉପରେ ଆଲୋକ ପାତ କରାଯାଇଥିଲା କ୍ଷ ଏହି ନ୍ୟାୟ ସଂହିତା ଉପରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନ ରୁ ଆସିଥିବା କର୍ମକର୍ତ୍ତା ମାନେ ପ୍ରଶ୍ନ କରିଥିଲେ କ୍ଷ କାର୍ଯ୍ୟକରି ହୋଇଥିବା ନ୍ୟାୟ ସଂହିତା ଦ୍ୱାରା ସାଧାରଣ ନାଗରିକ ସଚେତନ ହେବା ସହ ପୋଲିସ ଆଇନଜୀବୀଓ ପ୍ରଶାସକ ଏଥିନେଇ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା କ୍ଷ ଏହି ସଚେତନତା କାର୍ଯ୍ୟକ୍ରମ ରେ ବିଭିନ୍ନ ଅନୁଷ୍ଠାନ ର କର୍ମ କର୍ତ୍ତା ଆଇନ ଯିବି ଓ ଜନସାଧାରଣ ଉପସ୍ଥିତ ରହିଥିଲେ କ୍ଷ

# ପର୍ଯ୍ୟଟଣିସ୍ଥଳରେ ଚାଲିଛି ଖୁଲମଖୁଲା ଖୁଡଖୁଡି ଖେଳ

**ଉମରକୋଟ,(ମହାଭାରତ) :** ପ୍ରଶାସନକୁ ଚାଲେଞ୍ଜ ଦେଇ ଖୁଲମ ଖୁଲା ଚାଲିଛି ଜୁଆ ଖେଳ ଏଭଳି ଏକ ଘଟଣାର ସ୍ୱଚ୍ଛ ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ର ଭାସ୍କେଲଡ୍ୟାମ ର ପର୍ଯ୍ୟଟନି ସ୍ଥଳରେ ସୁଚନାଅନୁଯୀ ଉମରକୋଟ ଥାନା ଅନ୍ତର୍ଗତ ଶୁଖିଗାଁ ପଞ୍ଚାୟତ ର ଭାସ୍କେଲ ଡ୍ୟାମ ଏକ ପର୍ଯଟନି ସ୍ଥଳ ହୋଇଥିବା ବେଳେ ପ୍ରତି ଗୁରୁବାର ଦିନ ଏକ ଛୋଟିଆ ହାଟ (ବଜାର)ବସୁଥିବା ବେଳେ ଉକ୍ତ ହାଟ ଠାରୁ ଅଳ୍ପ ଦୂରରେ ଚନ୍ଦ୍ରପୁର ଗ୍ରାମ ର ଦୁଇଜଣ ଜୁଆଖେଳ ମାଲିକ ଜୁଆଡି ମାନଙ୍କୁ ଏକତ୍ରିତ କରି ଖୁଲମ ଖୁଲା ସେମାନଙ୍କ ର ଜୁଆ ଖେଳ (ଖୁଡଖୁଡି) ପସରା ମେଲାଇ ନିର୍ଭୟରେ ଜୁଆ ଖେଳର କାରବାର କରୁଛନ୍ତି,ନିରୀହ ଆଦିବାସୀ ଲୋକ ମାନେ ଜୁଆଡି ମାନଙ୍କ ଜୁଆରେ ଦୁଇଗୁଣ ପଇବା ଆଶାରେ ଲୋଭଗ୍ରସ୍ତ ହୋଇ ଜୁଆଡି ମାନଙ୍କ କବଜାରେ ପଡ଼ି ଟଙ୍କାକୁ ଜୁଆରେ ପକେଇ ସର୍ବହରା ହୋଇ ଖାଲି ହାତରେ ଘରକୁ ଫେରବା ବେଳେ ମାନସିକ ଦୁଶ୍ଚିନ୍ତା ରେ ମଦ୍ୟପାନ କରି ଘରେ ପହଞ୍ଚିଲା ପରେ ପରିବାର ସହ ଗଣ୍ଡଗୋଳ କରିବା ସହ ଅନେକ ପରିବାର ଛାରଖାର୍ ହେଉଥିବା ଦେଖିବକୁ ମିଳୁଛି । ଏହି ଘଟଣାକୁ ପୋଲିସ୍ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟୀ ଦେଇ ଜୁଆଡି ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜୁଆ ଖେଳକୁ ସମ୍ପୂର୍ଣ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବିରୋଧ



**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରାଜନହର ସମ୍ମୁଖରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ପକ୍ଷରୁ ରାହୁଳ ଗାନ୍ଧୀ ପାର୍ଲିଆମେଣ୍ଟ ଡିଭେଡ ସମୟରେ ହିନ୍ଦୁ ମାନଙ୍କୁ ଯେଉଁ କଟାକ୍ଷ କରିଥିଲେ ତାହାକୁ ବିରୋଧ କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଲୋକନାଥ ମିଶ୍ରଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀ ମୂର୍ଦ୍।ବାଦ ନାରାବାଜୀ ଦେବା ସହ ରାହୁଲ ଗାନ୍ଧୀଙ୍କ ଫୋଟ ଚିତ୍ରକୁ ଦାହ କରି ରାହୁଲ ଗାନ୍ଧୀଙ୍କୁ କ୍ଷମା ମାଗିବାକୁ ଦାବୀ କରିଥିଲେ। ।ଏହି କାର୍ଯ୍ୟକ୍ରମରେ ମନୋଜ ଦାସ ନଗର ସମ୍ପାଦକ ବିଶ୍ୱ ହିନ୍ଦୁ ପରିଷଦ , ବିଶ୍ୱ ହିନ୍ଦୁ ପରିଷଦ ନଗର ସଭାପତି କୈଳାସ ପଟ୍ଟନାୟକ,ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଲୋକ ନାଥ ମିଶ୍ର, ବଜରଙ୍ଗ ଦଳର ନଗର ସଭାପତି ରବିନ ସାଉକାର,କୈଳାସ ବିଶ୍ୱାଳ ନଗର ଗୋ ରକ୍ଷକ,ବିଭୁତି ରଥ ବିଶ୍ୱ ହିନ୍ଦୁ ଧର୍ମ ପ୍ରଚାରକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତୀର ଗନ୍ତାଘର ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗ

**ଅନୁଗୋଳ,(ମହାଭାରତ) :** ସରୁନି ବାବୁଗିରିର ମୋହ । ସରକାର ପରିବର୍ତ୍ତନ ହେଲା ପରେ ମଧ ଶୁଣୁ ନାହାଁନ୍ତି ଲୋକଙ୍କ ଅଭିଯୋଗ କ୍ଷ ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ଅଭିଯୋଗ ପ୍ରକୋଷ୍ଠ ଖୋଲା କରିଥିଲା ବେଳେ ବାବୁଗିରି ଦେଖାଇ ଜନ ସାଧାରଣଙ୍କୁ ହଇରାଣ କରୁଛି ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗ । ଏଭଳି ଏକ ଅଭିଯୋଗ ଆଣିଛନ୍ତି ଅନୁଗୋଳ ସହର ହାକିମପଡାରେ ସପରିବାର ସହ ବସବାସ କରୁଥିବା ମମତା ଦାସ । ଘରକୁ ପାଣି ସଂଯୋଗ ନିମନ୍ତେ ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁମତି ଆଣି ପାଇପ୍ ସଂଯୋଗ କରାଯାଇଥିଲେ ମଧ୍ୟ ସଠିକ ସମୟରେ ପାଣି ନ ପାଇବାର ବାରମ୍ବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଉକ୍ତ



ପରିବାରକୁ ସଂଯୋଗ ହୋଇଥିବା ପାଇପ ଲାଇନ୍ ନିକଟରୁ ଅନ୍ୟ ଏକ ଟ୍ୟାପ୍ ବିନା ମିଟର ସଂଯୋଗରେ ଦିଆଯାଇଛି । ଯାହା ଫଳରେ ଗାଡି ଧୋଇବା, ବାସନ ମାଜିବା, ଗାଇ ଧୋଇବା ଓ ଲୁଗା ସଫା କରିବା ପାଖରୁ ଆରମ୍ଭ କରି ଯିଏ ଯାହା ପାରୁଛି କରୁଛି । ପାଣିର ସଠିକ୍ ବ୍ୟବହାର ନ କରି ମନ ଇଚ୍ଛା ଟ୍ୟାପ୍ ଖୋଲି ଦେଇ ବାହାରେ ପାଣି ଛାଡି ଦିଆଯାଉଛି । ଯାହା ଫଳରେ ଉକ୍ତ ହିତାଧିକାରୀ ଘରକୁ ପାଣି ନ ଆସିବା କାରଣରୁ ସେ ନଳକୂପରୁ ପାଣି ବୋହି କି ଆଣୁଛନ୍ତି । ଜନ ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀଙ୍କ ପାଖରେ ଏ ସମ୍ବନ୍ଧରେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ଏ ଅଭିଯୋଗକୁ ଗ୍ରହଣ ନକରି ଅଣଦେଖା କରି ଚାଲିଛନ୍ତି । ଖୋଲା ଟ୍ୟାପ୍ ଦେବା ପାଇଁ କୌଣସି ନିୟମ ନାହିଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ନିଜେ ସ୍ୱୀକାର କରୁଥିବା ବେଳେ କାହା ଚାପରେ ଉକ୍ତ ବିଭାଗର ଅଧିକାରୀମାନେ ସେହି ଖୋଲା ଟ୍ୟାପ୍ ଲଗେଇଛନ୍ତି । କିଏ ସେହି ପ୍ରଭାବଶାଳୀ ବ୍ୟକ୍ତି ଯାହା ପାଇଁ ଉପରିସ୍ଥ ଅଧିକାରୀମାନେ ସମର୍ଥନ କରି ଯୋଗ୍ୟ ହିତାଧିକାରୀଙ୍କୁ ପାଣିରୁ ବଞ୍ଚିତ କରିଛନ୍ତି । ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିବା କିଛି ଅସାଧୁ କର୍ମଚାରୀ ଲାଞ୍ଚ ଖାଇ ସାରା ସହରରେ ଏମିତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ତେଣୁ ଉକ୍ତ ବିଭାଗୀୟ ଅଧିକାରୀ ଏହାର ସଠିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ବନମହୋତ୍ସବ ଉପଲକ୍ଷେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ବାଲିଅନ୍ତା,(ମହାଭାରତ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ କାଞ୍ଚନ ଫାଉଣ୍ଡେସନ ମିଳିତ ସହଯୋଗରେ ୭୫ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇ ବନ ମହୋତ୍ସବ ଉଦ୍ଦେଶ୍ୟ ସହିତ ବୃକ୍ଷକୁ ମହାଦେବ ଶିବଙ୍କ ସହିତ ତୁଳନା କରି ଶିବଙ୍କ ପରିବାର ସଦସ୍ୟଙ୍କ ବାହନ ମୂଷା, ମୟୂର,ସର୍ପ, ବୃଷଭ ଓ ସିଂହ ପରସ୍ପର ଶତ୍ରୁ ହୋଇଥିଲେ ମଧ ଶିବଙ୍କ ଅନୁଶାସନରେ ପରି ପରିଚାଳିତ । ଠିକ୍ ସେହିପରି ବୃକ୍ଷର



ଅନେକ ଶତ୍ରୁ ଥିଲେ ମଧ ସମସ୍ତ ଯିବ ଜଗତକୁ କେବଳ ଦାନ ଛଡ଼ା ତାର କିଛି ପାଇବାର ଆଶା ନଥାଏ । ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ବିଧୁଭୂଶଣ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଗଛର ଉପକାରିତା ବିଷୟରେ ଉଦବୋଧନ ସହିତ ପିଲାମାନଙ୍କୁ ପରିବେଶ ସୁରକ୍ଷା ଓ ଉତ୍ତମ ଛାତ୍ରୀ ହେବାନେଇ ପରାମର୍ଶ ଦେଇଥିଲେ । ବାଳକାଟି ମଣ୍ଡଳ ବିଜେପିର ସଭାପତି ବିଜୟ ମହାରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କାଦମ୍ବିନୀ ଦାସ, ଯୁବସମାଜସେବୀ ତଥା କାଞ୍ଚନ ଫାଉଣ୍ଡେସନର ସଭାପତି ରଂଜନ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ । ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତି ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସ୍ୱ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରୀନ ଜୟଦେବ ଫାଉଣ୍ଡେସନର ମୂଖ୍ୟ ଟ୍ରଷ୍ଟି ଦିନବନ୍ଧୁ ଭୋଇ ସଭାପତିତ୍ୱ କରି ଥିବା ବେଳେ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାର୍ଥୀ ଉପସ୍ଥିତି ରହି ବୃକ୍ଷ ରୋପଣ କରିଥିଲେ ।

## ନଦୀ ପଠାରେ ବେଧଡକ ବାରହା ଶିକାର ଘଟଣା

# ଅଘଟଣ ପରେ ମଧ୍ୟ ବିଟ୍ ହାଉସରୁ ଖୋଲୁନି ତାଲା

➔ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

➔ ତଦନ୍ତ ପାଇଁ ସାହସ ଜୁଟାଇପାରୁନି ବନବିଭାଗ



**ଖଣ୍ଡପଡ଼ା,(ମହାଭାରତ) :** କେତେ ବନ୍ୟଜନ୍ତୁ ମଲେ ଚେତିବ ବନବିଭାଗ। ଜଙ୍ଗଲ ସୁରକ୍ଷା ପାଇଁ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ପୁରା ସେକ୍ସନ ଏବେ ଶିକାରୀଙ୍କ କବ୍‌ଜାରେ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ କଣ୍ଟିଲୋ ସେକ୍ସନକୁ ନେଇ ଲୋକଙ୍କ ଦୃଷ୍ଟିଭଙ୍ଗୀ ଏମିତି ହୋଇଥିବା ବେଳେ ମାଳମାଳ ଅଭିଯୋଗ ଓ କ୍ଷୋଭ ରହିଛି। ଜଙ୍ଗଲ ନିଆଁ ଠାରୁ ଆରମ୍ଭ କରି ବିଟ୍ ହାଉସ୍‌ରେ ତାଲା ସହ ସ୍ପଷ୍ଟ ଦିବାଲୋକରେ ବାର୍ହା ଶିକାର ଘଟଣାରେ ଜିଲ୍ଲା ପ୍ରଶାସନ ଓ ବନଖଣ୍ଡ ଅଧିକାରୀ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନ ନେବା ଏବେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ କଣ୍ଟିଲୋ ସେକ୍ସନ ନୁହେଁ, ଖଣ୍ଡପଡ଼ା ବନାଞ୍ଚଳରେ କିଛି ମାସ ମଧ୍ୟରେ ନାନା ଅନିୟମିତତା ଓ ଅଭିଯୋଗ ପ୍ରମାଣ କରୁଛି ଯେ ସବୁକିଛି ଠିକ୍ ଚାଲିନାହିଁ। ମିଳିଥିବା ସୂଚନା ଅନୁଯାୟୀ, କଣ୍ଟିଲୋ ସେକ୍ସନ ଖଣ୍ଡପଡ଼ା ଅଞ୍ଚଳର ଏକ ବୃହତ ଓ ଗୁରୁତ୍ୱପୂର୍ଣ୍ଣ ସେକ୍ସନ ଭାବେ ପରିଗଣିତ ହେଉଥିବା ବେଳେ ଏଠି କିନ୍ତୁ ମାଳମାଳ ସମସ୍ୟା ଥିବା ବିଭାଗୀୟ କର୍ମଚାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ବିଜୟ କୁମାର ପ୍ରଧାନଙ୍କ ଘର ଭାପୁର ବ୍ଲକ୍ ଅଧୀନ ଧାନଚାଙ୍ଗଡ଼ା ପଞ୍ଚାୟତରେ ହୋଇଥିବା ବେଳେ ତାଙ୍କୁ ଏଠାରେ କିଭଳି ଏବଂ କେଉଁ ନିୟମ ଆଧାରରେ ଏଠାରେ ନିଯୁକ୍ତି ଦିଆଗଲା ତାକୁ ନେଇ କଂଗ୍ରେସ ନଗର ସଭାପତି ସନ୍ତୋଷ କୁମାର ସାହୁ ପ୍ରଶ୍ନ ଉଠାଇଛନ୍ତି। ଫରେଷ୍ଟର ଶ୍ରୀ ପ୍ରଧାନଙ୍କ ଅଧୀନରେ ଥିବା କୁମୁଣ୍ଡି ଏବଂ ରାକେସିଆ ବିଟ୍‌ରେ ତାଲା ପଡ଼ିବା ସହ ଅଚଳାବସ୍ଥା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ଦିଗରେ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଉକ୍ତ ବିଟ୍ ହାଉସ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷିତ ଜଙ୍ଗଲ ଗୁଡ଼ିକ ଆସୁଥିବା ବେଳେ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଏବଂ ସେମାନେ ଦିନେ ହେଲେ ଉକ୍ତ ଅଞ୍ଚଳକୁ ଯାଉନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏପରିକି ବାର୍ହା ଶିକାର ପରେ ମଧ୍ୟ ବିଟ୍ ହାଉସ ଖୋଲାନଯିବା ଏବଂ ବନବିଭାଗ ନ ଚେତିବା ନେଇ ପରିବେଶବିତ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଫଳରେ ଗତ ମାସକ ମଧ୍ୟରେ କଣ୍ଟିଲୋ ସେକ୍ସନରେ ବାର୍ହା ଶିକାର, ଜଙ୍ଗଲ ଲୁଟ୍, ମାଳମାଳ କାଠ ପଚ୍ଚା ଓ ଗଣ୍ଡି ଜବତ ଘଟଣା ଭଳି ବେଆଇନ କାର୍ଯ୍ୟ ଏହାର ଜ୍ୱଳନ୍ତ ଉଦାହରଣ କହିଲେ ଅତ୍ୟୁକ୍ତି ହେବନି। ଏଭଳି ମାଳମାଳ ଅଭିଯୋଗ ଥିଲେ ସୁଦ୍ଧା ଖଣ୍ଡପଡ଼ା ବନ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁ ବନ ବିଭାଗ ର ଭୂମିକାକୁ ନେଇ ନଗର କଂଗ୍ରେସ ପ୍ରଶ୍ନ ଉଠାଇଛି। ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ବିଭିନ୍ନ ସେକ୍ସନରେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଥିବା ବେଳେ ରେଞ୍ଜର କିନ୍ତୁ ହେଡ୍‌କ୍ୱାର୍ଟର ଛାଡ଼ି ବହୁ ସମୟ ବାହାରେ ରହୁଥିବା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ଅଭିଯୋଗ କରିଛି। ଯାହାଫଳରେ ସମଗ୍ର ବନାଞ୍ଚଳରେ ଏକପ୍ରକାର ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବା ସୂଚନା ମିଳିଛି। ସେହିପରି ରେଞ୍ଜର୍ ଙ୍କ ଅନୁପସ୍ଥିତିରେ ଜନୈକ ଅଧିକାରୀ ପୂରା ଅଫିସକୁ ନିୟନ୍ତ୍ରଣ କରୁଥିବା ମଧ୍ୟ ଶ୍ରୀ ସାହୁ ଅଭିଯୋଗ କରିଛନ୍ତି ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବନ ମହୋତ୍ସବ ପାଳିତ



**ଜୁନାଗଡ,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଇକୋ କ୍ଲବ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶ୍ରୀଗଣେଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହାୟତା ରେ ବନ ମହୋତ୍ସବ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଶ୍ରୀ ନେପାଳ ଚନ୍ଦ୍ର ବାଗ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମୁକେଶ ଅଗ୍ରୱାଲ, ନଗରପାଳ, ଜୁନାଗଡ଼ ଏନ. ଏ. ସି, ସମ୍ମାନିତ ଅତିଥି ଭାବେ ଲଳିତ ଅଗ୍ରୱାଲ (ସମାଜସେବୀ), ସନ୍ତୋଷ କୁମାର ସିଂହ ଦେଓ (ପୁରାତନ ଛାତ୍ର ସଂସଦ ସଭାପତି ), ତପନ କୁମାର ମାଝୀ (ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୁନାଗଡ଼ ), ନିର୍ମଳ ଚନ୍ଦ୍ର ମହାନ୍ତି (ସମାଜସେବୀ ), ଶ୍ରୀମତୀ ହିମାଦ୍ରୀ ସିନ୍ଦୁର (ସ୍କୁଲ ପରିଚାଳନା କମିଟି ସଭ୍ୟା), କିଶୋର ଚନ୍ଦ୍ର ଶତପଥି (ଶ୍ରୀଗଣେଶ ଅନୁଷ୍ଠାନ ର ପରିଚାଳନା ନିର୍ଦ୍ଦେଶକ ), ବରିଷ୍ଠ ଶିକ୍ଷକ ସୁଧୀର ବେହେରା, ମଳୟ କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ବନ ମହୋତ୍ସବ ସଭା ରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣ ଓ ବନ ମହୋତ୍ସବ ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସଭା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏନ. ସି. ସି. ଶିକ୍ଷକ ସଂଜୀବ କୁମାର ପଣ୍ଡା । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସଲିଲ କୁମାର ମେହେର ।

## ଲୋକଙ୍କ ସମସ୍ୟା ବୁଝିଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ



**କେନ୍ଦୁଝର, (ମହାଭାରତ) :** କନ୍ଦୁଝର ସାଂସଦ ଅନନ୍ତ ନାୟକ ନିର୍ବାଚନ ରେ ବିଜୟ ପରେ ସାଂସଦୀୟ କ୍ଷେତ୍ରର ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ମୌଳିକ ସମସ୍ୟା ବୁଝୁଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କାଠବାରୀ ଗ୍ରାମପଞ୍ଚାୟତ ର ବାରିଗାଁ ଗ୍ରାମ କୁ ଯାଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟ ରେ ପଚାରି ବୁଝିବା ସହିତ ତାହାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସେଠାରେ ସ୍ଥାନୀୟ ଲୋକମାନେ ବିଜୟୀ ସାଂସଦ ଶ୍ରୀ ନାୟକ ଙ୍କୁ ଭବ୍ୟ ସ୍ୱଗତ ସମ୍ବର୍ଦ୍ଧନା ଦେଇ ଗାଁ କୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା,ଜିଲ୍ଲା ଉପସଭାପତି ଶିବକୁମାର ରାଠୋର,ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ସ୍ଥାନୀୟ ନେତା ଚିନ୍ତାମଣି ମହାନ୍ତ,ପ୍ରହଲ୍ଲାଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଏବିଭିପିର ପ୍ରମୁଖ ଦାୟିତ୍ୱ ଘୋଷଣା ଆସିକାରୁ ତିନି ଛାତ୍ରଙ୍କୁ ଦାୟିତ୍ୱ



**ଆସିକା,(ମହାଭାରତ) :** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏକ ଛାତ୍ର ସଂଗଠନ ଯାହାର ପ୍ରାନ୍ତ ସ୍ତରୀୟ ଅଭ୍ୟାସ ବର୍ଗ ଢେଙ୍କାନାଳ ଜିଲ୍ଲାରେ ୪ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଶେଷ ଭାବେ ଏହି ବର୍ଗରେ ସାଂଗଠନିକ ଚର୍ଚ୍ଚା , କାର୍ଯ୍ୟକର୍ତ୍ତା କାର୍ଯ୍ୟପଦ୍ଧତି ଭଳି ବିଭିନ୍ନ ବିଷୟରେ ଚର୍ଚ୍ଚା ଆଲୋଚନା ହୋଇଥିଲା। ଅନ୍ତିମ ଦିନରେ ପ୍ରାନ୍ତ ପ୍ରମୁଖ ଙ୍କ ଦ୍ୱାରା ଜିଲ୍ଲା ଓ ବିଭାଗ ସ୍ତରୀୟ ଦାୟିତ୍ୱ ଘୋଷଣା କରାଯାଇଥିଲା। ଏହି କ୍ରମରେ ପୁନର୍ବାର ଗଂଜାମ (ଗଂଜାମ ଘୁମୁସର ସାଂଗଠନିକ ଜିଲ୍ଲା, କନ୍ଧମାଳ)ବିଭାଗ ସଂଯୋଜକ ଭାବେ ଅନିଲ କୁମାର ସ୍ୱାଇଁ ,ନୂତନ ଭାବେ ବିଭାଗ ସହ ସଂଯୋଜକ ଭାବେ ହିମାଂଶୁ ଶେଖର ତ୍ରିପାଠୀ ଏବଂ ଘୁମୁସର ଜିଲ୍ଲାର ଜିଲ୍ଲା ସଂଯୋଜକ ଭାବେ ରାହୁଲ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ଶିକ୍ଷାବର୍ଷ ରେ ବିଦ୍ୟାର୍ଥୀ ପରିଷଦର ସାଂଗଠନିକ କାର୍ଯ୍ୟ ସହ ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧାରେ ସହଯୋଗ କରିବ ବୋଲି ପ୍ରକାଶ କରିଛନ୍ତି। ବିଭିନ୍ନ କାର୍ଯ୍ୟକର୍ତ୍ତା ଓ ସମାଜସେବୀ ଏଥି ନିମନ୍ତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ରାମକୃଷ୍ଣ ସ୍କାଉଟ ଓ ସାରଦା ଗାଇଡ୍ କମ୍ପାନୀ ଦ୍ୱାରା ବନମହୋତ୍ସବ

**ଆସିକା,(ମହାଭାରତ) :** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ର ରାମକୃଷ୍ଣ ସ୍କାଉଟ ଓ ଶାରଦା ଗାଇଡ୍ କମ୍ପାନୀ ପକ୍ଷରୁ ଗାଇଡ୍ କ୍ୟାପଟେନ କାଦମ୍ବିନୀ ହୋତା ଓ ଲୀନାକୁମାରୀ ସ୍ୱାଇଁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ବନମହୋତ୍ସବ ସପ୍ତାହପାଳିତ ହୋଇଯାଇଛି। ଏହି ଅବସରରେ ଆସିକା ଋଷିକୁଲ୍ୟା ନଦୀ ପଠା ଏବଂ ବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ୫୦ ଟି ବିଭିନ୍ନ ପ୍ରକାରର ଗଛ ଲଗାଯାଇଛି କ୍ଷଭାରତର ଯସସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀଙ୍କ ବନମହୋତ୍ସବର ନାରା 'ମାଁ ପାଇଁ ବୃକ୍ଷ ଟିଏ' ବୃକ୍ଷରୋପଣ ଦ୍ୱାରା ଚରିତାର୍ଥ କରିବା ପାଇଁ ଏବଂ ଆଜିର ବୃକ୍ଷ ରୋପଣ ଭବିଷ୍ୟତର ଜୀବନ ବୋଲି ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପିଲାମାନେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଉପଯୁକ୍ତ ଯତ୍ନ ନେବା, ସୂର୍ଯ୍ୟଙ୍କ ଉତ୍ତପ୍ତ ଦାଉରୁ ବର୍ତ୍ତିବା ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ପଦକ୍ଷେପ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ମଣିଷ ନିଜର ସୁବିଧା ସୁଲଭ କରିବା ପାଇଁ ବୃକ୍ଷଗୁଡ଼ିକୁ ଆଜି ନିଶ୍ଚିହ୍ନ କରିବା ପାଇଁ ବସିଛି। ବିଶ୍ୱ ଭୌଗଳିକ ତଥା ଜଳବାୟୁ ପରିବର୍ତ୍ତନରେ ଏବଂ ଓଜନ ସ୍ତରକୁ ନିୟନ୍ତ୍ରଣ କରିବାର ଏକମାତ୍ର ବିକଳ୍ପ ହେଉଛି ବୃକ୍ଷ ରୋପଣ ବୋଲି ସମସ୍ତଙ୍କୁ ସୂଚାଯାଇ ଥିଲେ। ଏହି ଅବସରରେ ପ୍ରଧାନାଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ସମ୍ପାଦକ କମଳେନ୍ଦୁ ହୋତା, ସହ-ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ, କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରୀ, ସସ୍ମିତା କୁମାରୀ ସାହୁ, ଅଶୋକ କୁମାର ପଟ୍ଟନାୟକ, କେ କମଳା କୁମାରୀ ଆଚାରୀ, ଦେବସ୍ମିତା ପାତ୍ରପ୍ରମୁଖ ସହଯୋଗ କରିଥିଲେ ।

# ଆକାଂକ୍ଷା ତରଫରୁ ବନମହୋତ୍ସବ କାର୍ଯ୍ୟକ୍ରମ



**ଗଜପତି,(ମହାଭାରତ) :** ଜିଲ୍ଲାର ଅଗ୍ରଣୀ ମହିଳା ସଙ୍ଗଠନ ଆକାଂକ୍ଷା ତରଫରୁ ସିଧା ମଡଙ୍ଗ ସ୍ଥିତ ରାଜତାରା ଡିଗ୍ରୀ କଲେଜ ପ୍ରାଙ୍ଗଣ ରେ ୭୪ ତମ ବନ ମହୋତ୍ସବ ତଥା ବୃକ୍ଷ ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବୃକ୍ଷ ରୋପଣ କରାଯିବା ସହିତ ବୃକ୍ଷ ବଞ୍ଚିଲେ ଆମେ ସମସ୍ତେ ବଞ୍ଚିବା ଏବଂ ସମସ୍ତେ ମିଶି କିଭଳି ଜଙ୍ଗଲ ସୃଷ୍ଟି କରିବା ସେଥି ପାଇଁ ସଚେତନତା କରାଯାଇଥିଲା। ଏହି ଅବସରରେ ଆକାଂକ୍ଷା ମହିଳା ସଙ୍ଗଠନ ର ସଭାନେତ୍ରୀ ଶ୍ରୀମତୀ ଆଶା ଲତା ପାଣିଗ୍ରାହୀ ଅଧକ୍ଷତା କରି ବୃକ୍ଷ ହିଁ ଜୀବନ ସଂପର୍କ ରେ ବୁଝାଇ ସପଥ ପାଠ କରାଇଥିଲେ ଯେ କେବଳ ଗୋଟିଏ ଦିନ ନୁହେଁ ବର୍ଷା ଋତୁରେ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନକୁ ଯାଇ ବୃକ୍ଷ ରୋପଣ କରାଯିବ ବୋଲି କହିଥିଲେ। ସଙ୍ଗଠନ ର ସଂପାଦିକା ଶ୍ରୀମତୀ ମିନା କୁମାରୀ ଟହଲ ପରିବେଶ ସୁରକ୍ଷା ନିମନ୍ତେ ଓ ଭୂମଣ୍ଡଳ ର ତାପମାତ୍ରା କୁ ନିୟନ୍ତ୍ରଣ କରିବାକୁ ହେଲେ ବୃକ୍ଷ ହିଁ ଆବଶ୍ୟକ ବୋଲି ବୁଝାଇଥିଲେ। ସଙ୍ଗଠନ ର ଉପଦେଷ୍ଟା ଶ୍ରୀମତି ସ୍ୱର୍ଣ୍ଣ ପ୍ରଭା ପାଠୀ ପ୍ରତ୍ୟେକ ମନୁଷ୍ୟ ର ଦାୟିତ୍ୱ କୁ ବୁଝିବା ସହିତ ସ୍ଥାୟୀ ପଦ୍ଧତି ରେ ଗଛର ସୁରକ୍ଷା ନେବା ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଶ୍ରୀମତି ଭାଗ୍ୟ ଲକ୍ଷ୍ମୀ ନାୟକ ପ୍ରତ୍ୟେକ ପରିବାର ପାଞ୍ଚ ଟି ଲେଖାଏଁ ଗଛ ଲଗାଇବା ସହିତ ତାହାର ଯତ୍ନ ଓ ସୁରକ୍ଷା ନେବା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଆମ ପରିବେଶ କୁ ସୁନ୍ଦର ଓ ସୁରକ୍ଷା କରିବା ପାଇଁ ହେଲେ ପ୍ରତ୍ୟେକ ଘର ଆଗରେ ଗଛ ଲଗାଇବା ଉଚିତ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ରାଜତାରା ଡିଗ୍ରୀ କଲେଜ ର ମୁଖ୍ୟ କେ ଅରୁଳ କୁମାର, ଚିନ୍ମୟୀ ପଣ୍ଡା, କବିତା ମଲ୍ଲିକ, ସୁଜାତା ଦାସ, ପ୍ରୀତି ପଦ୍ମା, ଏବଂ କଲେଜ ର ଅନ୍ୟାନ୍ୟ କର୍ମ କର୍ତ୍ତା ଏବଂ ଛାତ୍ରଛାତ୍ରୀ ସଂପୂର୍ଣ୍ଣ ସହଯୋଗ କରି ଏହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଜଙ୍ଗଲ ଜମିକୁ ନେଇ ବିବାଦ

# ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ, ୮ ଗୁରୁତର ୨୧ ଜଣ ଆହତ



**କରଞ୍ଜିଆ,(ମହାଭାରତ) :** ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଚାନ୍ଦିଖମଣ ଗ୍ରାମରେ ଶନିବାର ଜଙ୍ଗଲ ଜମି କୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି ।ସଂଘର୍ଷ ରେ ଉଭୟ ଗୋଷ୍ଠୀ ର ୫ ଜଣ ଗୁରୁତର ଥିବା ବେଳେ ୨୧ ଜଣ ଆହତ ହୋଇଛନ୍ତି ।ସମସ୍ତ ଆହତ ଓ ଗୁରୁତର ଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚମ୍ପାଝର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ।ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା କାରଣ ରୁ ସେଠାରେ ୧୪୪ ଧାରା ଜାରି କରାଯାଇଛି। ଗଣ୍ଡଗୋଳ ଆଶଙ୍କା କରି ଗ୍ରାମରେ ପୋଲିସ ମୃତୟନ କରାଯାଇଛି। ଗୋଷ୍ଠୀ ସଂଘର୍ଷ ପରେ ଉଭୟ ଗୋଷ୍ଠୀ ର ଲୋକେ ଠାକୁରମୁଣ୍ଡା - ଉଦଳା ରାସ୍ତା କୁ ପୃଥକ ସ୍ଥାନରେ ଦୀର୍ଘ ୪ ଘଣ୍ଟା ଧରି ରାସ୍ତାରୋକ କରିଥିଲେ ।ଖବର ପାଇ ଘଟଣାସ୍ଥଳ କୁ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, କରଞ୍ଜିଆ ଥାନା ଆଇ ଆଇ ସି, ମହୁଲଡ଼ିହା, ଠାକୁରମୁଣ୍ଡା ଥାନା ପୋଲିସ ସମେତ ପୋଲିସ ଫୋର୍ସ ପହଞ୍ଚିଛି ଥିଲେ। ରାସ୍ତାରୋକ କରିଥିବା ଉଭୟ ଗୋଷ୍ଠୀ ଙ୍କ ସହିତ ଆଲୋଚନା କରିଥିଲେ ।ଆଲୋଚନା ରେ ଆସନ୍ତା ୧୩ ତାରିଖ ପରେ ଗ୍ରାମରେ ବିବାଦୀୟ ଜମି କୁ ରାଜସ୍ୱ ବିଭାଗ ଦ୍ୱାରା ମାପ କରାଯିବାକୁ ନିଷ୍ପତି ପରେ ଉଭୟ ପକ୍ଷ ଙ୍କ ଦ୍ୱାରା କରାଯାଇଥିବା ରାସ୍ତା ରୋକ ହଟିଥିଲା। ପ୍ରାରମ୍ଭିକ ସୂଚନା ରୁ ଜଣାପଡିଛି ଯେ,କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦିଖମଣ ଜଙ୍ଗଲ କୁ ସଫା କରି ବହୁ ବର୍ଷ ପୂର୍ବରୁ କିଛି ଲୋକ ଗ୍ରାମ ସ୍ଥାପନ କରି ରହିଆସୁଥିଲେ ।କିଛି ବର୍ଷ ପୂର୍ବରୁ ବିଭିନ୍ନ ସ୍ଥାନରୁ ଲୋକେ ଆସି ଚାନ୍ଦିଖମଣ ଗ୍ରାମ ନିକଟରେ ଜଙ୍ଗଲ ସଫା କରି ଘର କରିବା ସହ ଅସ୍ଥାୟୀ ଭାବରେ ପାଲ ଟାଣି ରହିଥିଲେ। ପୂର୍ବରୁ ଥିବା ଲୋକଙ୍କ ସହିତ ଏହି ନୂଆ ଆସିଥିବା ଲୋକ ମାନଙ୍କ ମଧ୍ୟରେ ଜଙ୍ଗଲ ଜମିକୁ ନେଇ ବିବାଦ ପୂର୍ବରୁ ହୋଇ ଆସିଥିଲା ।ବିବାଦ ଯୋଗୁଁ ଜଙ୍ଗଲ ଜମି ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁଉଦ୍ୟମ କରାଯାଇ ଗତ ମାସ ୨୮ ତାରିଖ ଦିନ ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିବାରୁ ସେ ଦିନ ମାପ ନ କରି ପାରି ପ୍ରଶାସନ ଫେରି ଆସିଥିଲା ।ଶନିବାର ଦିନ ପ୍ରାୟ ୧୧ ଟା ସମୟରେ ଏହି ଜମି କୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନୂଆ ବସ୍ତି ଓ ପୁରୁଣା ବସ୍ତି ର ଶତାଧିକ ଲୋକେ ମାରଣାସ୍ତ୍ର ସହ ଠେଙ୍ଗା ବାଡ଼ି ଧରି ଉଭୟ ପକ୍ଷ ଙ୍କ ମଧ୍ୟରେ ଆକ୍ରମଣ ହୋଇଥିଲା। ଗଣ୍ଡଗୋଳ ସମୟ ମଧ୍ୟରେ ଉଭୟ ଗୋଷ୍ଠୀ ର ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱ ଲୋକେ ଘଟଣାସ୍ଥଳ ରେ ଏକତ୍ରିତ ହୋଇ ଯାଇ ଗଣ୍ଡଗୋଳ କରିଥିବାର ସୂଚନା ମିଳିଛି ।ଚିକିତ୍ସିତ ହେଉଥିବା ଗୁରୁତର ଙ୍କ ମଧ୍ୟରୁ ସିଙ୍ଗରାଇ ଖୁଣ୍ଟିଆ ଙ୍କୁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଉଛି ।ଗୁରୁତର ଥିବା ବାଘରାଇ ମୁର୍ମୁ, ସୁକାନ୍ତି ମୁର୍ମୁ,ପାର୍ବତୀ ହଂସଦା, ବସନ୍ତି ସୋରେନ, ଦେବୀ ଲାଲ ଟୁଡୁ,ହୀରାମଣି ବାସ୍କେ, ସାକାର ମୁର୍ମୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣା ଉପରେ ନଜର ରଖିଛି।

## ସ୍ୱାମୀର ତୀର ମାଡରେ ସ୍ତ୍ରୀ ଗୁରୁତର

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ଥାନା ହରିଡାଗୋଠ ଗାଁ ରେ ଘଟିଛି ଅଭାବନୀୟ ଘଟଣା । ସ୍ୱାମୀ ର ତୀର ମାଡ ରେ ସ୍ତ୍ରୀ ଗୁରୁତର ହୋଇ ଛନ୍ତି । ଗୁରୁତର ମହିଳା ହେଲେ ସଜନୀ ମୁଣ୍ଡା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗ ପ୍ରଥମେ କରଞ୍ଜିଆ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇ ଥିବା ଜଣାପଡି ଛି। ସୂଚନା ରୁ ପ୍ରକାଶ ସଜନୀ ହରିଚନ୍ଦନପୁର ଥାନା ଭଗାବିଲା ଗ୍ରାମର ବିଶ୍ୱନାଥ ମୁଣ୍ଡା ଙ୍କୁ ବିବାହ କରିଥିଲେ । କୌଣସି କାରଣ ରୁ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ମନମାଳିନ ଝଗଡ଼ା ହେଇ ସଜନୀ ନିଜ ବାପ ଘର ପାଟଣା ଥାନା ଅନ୍ତର୍ଗତ ହରିଡାଗୋଠ ଗ୍ରାମରେ ଆସି ରହୁଥିଲେ। ଗୁରୁବାର ସଂଧାରେ ବିଶ୍ୱନାଥ ହରୀଡାଗୋଠ ଗ୍ରାମରେ ପହଞ୍ଚି ସ୍ତ୍ରୀ ସଜନୀ ଙ୍କୁ ଯୋଗୀ ରହି ତୀର ମାଡ କରି ଫେରାର ହୋଇ ଯାଇଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଧନୁ ସହ ୩ ଟି ତୀର ଜବତ କରି ଘଟଣାର ତଦନ୍ତ ଜାରିରଖିଛି ।

## ଏରେଣ୍ଡେଇ ହାଇସ୍କୁଲରେ ବନ ମହୋତ୍ସବ

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ବେଗେନା ଖମଣ ହାଇସ୍କୁଲରେ ଶୁକ୍ରବାର ଦିନ ୭୫ତମ ବନ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏହି ବନ ମହୋତ୍ସବ ମହା ସମାରୋହ ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତି ଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ମଲ୍ଲୀପଶି ବିଟ୍ ର ବନରକ୍ଷୀ ଦେବଯାନୀ ମହାନ୍ତ ବନ ମହୋତ୍ସବ ରେ ଯୋଗଦାନ କରି ଉଦ୍ଘାଟନ କରିଛନ୍ତି । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷକ ସହଦେବ ମହାନ୍ତ ଯୋଗ ଦେଇ ବୃକ୍ଷ ହିଁ ଜୀବନ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅଭିଭାଷଣ ପ୍ରଦାନ କରିଛନ୍ତି । ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀ ଓ ପ୍ରଧାନ ଶିକ୍ଷକ, ଶିକ୍ଷକ,ଶିକ୍ଷୟତ୍ରୀ, ମୁଖ୍ୟ ଅତିଥି ମିଳିତ ଭାବେ ବିଦ୍ୟାଳୟ ପରିସର ରେ ଚାରା ରୋପଣ କରାଯାଇଛି । ବନ ମହୋତ୍ସବ ମହା ସମାରୋହ କାର୍ଯ୍ୟକ୍ରମ ରେ ଶ୍ରୀନିବାସ ଶତପଥୀ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ଶେଷରେ ଅତିଥି ମାନ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ସମୀକ୍ଷା ବୈଠକ ଅନୁଷ୍ଠିତ




**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ପଞ୍ଚାୟତ ସମିତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଛି । ପଞ୍ଚାୟତ ସମିତି ସମୀକ୍ଷା ବୈଠକ ପାଟଣା ବିଡ଼ିଓ ଶିବ ପ୍ରଶାଦ ମୁର୍ମୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଛି । ଏହି ସମୀକ୍ଷା ବୈଠକ କାର୍ଯ୍ୟକମ କୁ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦାନ କରି ପଞ୍ଚାୟତ ସମିତି ର ବିଭିନ୍ନ ଯୋଜନା ଗୁଡିକର ସମୀକ୍ଷା କରିବା ସହ କାର୍ଯ୍ୟ ଗୁଡିକ କିଭଳି ସଂପୂର୍ଣ୍ଣ କରିବାକୁ ହେବ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ ଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ,ପାଟଣା ବ୍ଲକଅଧକ୍ଷା ସୁକାନ୍ତି ନାଏକ, ଉପାଧକ୍ଷା ବୀଣାପାଣି ନାୟକ,ଅତିରକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାଏକ, ଜି.ପି.ଓ ରଶ୍ମିରେଖା ମହାନ୍ତି, ଲୋକ ପ୍ରତିନିଧି ୨୧ନଂ ଜୋନ ଜିଲ୍ଲାପରିଷଦ ପ୍ରଫୁଲ ଚନ୍ଦ୍ର ନାଏକ, ୨୨ନଂ ଜୋନ ଜିଲ୍ଲାପରିଷଦ ସୌଭାଗ୍ୟ ମଞ୍ଜରୀ ନାଏକ, ୨୩ନଂ ଜୋନ ଜିଲ୍ଲାପରିଷଦ ରୁନୁ ମହାନ୍ତ ପ୍ରମୁଖ ଉପସ୍ଥିତ ରେ ବିଭିନ୍ନ ଯୋଜନା କାର୍ଯ୍ୟ କୁ ନେଇ ଅଧିକାରୀ ମାନେ ଉପସ୍ଥାପନା କରିଥିବା ବେଳେ ୨୦ଟି ପଞ୍ଚାୟତ ସରପଞ୍ଚ,ସମିତି ସଭ୍ୟ ମାନେ ନିଜ ନିଜ ପଞ୍ଚାୟତ ରେ ଯୋଜନା ଭିତ୍ତିକ କାର୍ଯ୍ୟ କୁ ଉପସ୍ଥାପନା କରିବା ସହ କିପରି ସଂପୂର୍ଣ୍ଣ ହେବ ଉପସ୍ଥାପନା କରିଥିବା ବେଳେ ବିଧାୟକ ଶ୍ରୀ ନାୟକ ଅଧିକାରୀ ମାନଙ୍କ ସହ ଆଲୋଚନା ଜୋର ଧରି ଥିବା ଦେଖିବାକୁ ମିଳିଛି ।

## ବନ ମୋହତ୍ସ୍ୱ ଅବସରରେ ବନ୍ଧ ସାହିଠାରେ ବୃକ୍ଷ ରୋପଣ



**କରଞ୍ଜିଆ,(ମହାଭାରତ) :** ୭୫ ତମ ବନ ମୋହତ୍ସ୍ୱ ଅବସରରେ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଠାକୁରମୁଣ୍ଡା ବନ୍ଧ ସାହି ଠାରେ ଶୁକ୍ରବାର ଦିନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଠାକୁରମୁଣ୍ଡା ବନ ବିଭାଗ ସଂଯୋଜନା ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସମେତ ସାଧାରଣ ଲୋକ କାର୍ଯ୍ୟକ୍ରମ ରେ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ ।ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗ ଦେଇ ପ୍ରତ୍ୟେକ ଜନସାଧାରଣ ମା, ପାଇଁ ଗଛଟିଏ ଲଗାଇବାକୁ ଅନୁରୋଧ କରିଥିଲେ ।ଗଛ ଥିଲେ ପରିବେଶ ସନ୍ତୁଳନ ରହିବା ସହିତ ଉତ୍ତପ୍ତ ବାୟୁ ମଣ୍ଡଳକୁ ଗଛ କମ କରି ଜୀବ ଜଗତ କୁ ସୁରକ୍ଷା ଦେଇ ପାରିବ ବୋଲି କହିଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର,ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସର ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଉପସ୍ଥିତ ଅତିଥି,ବନକର୍ମଚାରୀ, ସାଧାରଣ ଲୋକ ମିଳିତ ଭାବରେ ବିଭିନ୍ନ ପ୍ରକାର ର ପ୍ରାୟ ୨୦୦ ଚାରା ଗଛ ରୋପଣ କରିଥିଲେ। ସେଠାରେ ଅୟୋଜିତ ସଚେତନତା ସଭାରେ ମହିଳା ସ୍ୱୟଂ ସହାୟିକାଗୋଷ୍ଠୀ ର ସମ୍ପାଦିକା ମୀନା ମହାନ୍ତ ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଟଣା ବ୍ଲକରେ ଲକ୍ଷ ପତି ଦିଦି ତାଲିମ୍ ଶିବିର



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ଭାରତ ସରକାରଙ୍କ ଲକ୍ଷପତି ଦିଦି ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଛି। ଦୁଇ ଦିନିଆ ଏହି ତାଲିମ୍ ଶିବିର ଓଡ଼ିଶା ଜୀବିକା ମିଶନ ଗୁଡିକ ରେ ହେଉଥିବା ବେଳେ ପାଟଣା ବ୍ଲକ ପରିଚାଳକ ସଂଯୋଜକ ମନୋରଞ୍ଜନ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ୍ ଦାତା ଭାବେ ଶ୍ରୀକାନ୍ତ କୁମାର ବେହେରା ଓ କିଶୋର କୁମାର ରାଠୋର ଯୋଗ ଦେଇ ମିଶନ ଶକ୍ତି ମହିଳା ମାନଙ୍କୁ ତାଲିମ୍ ପ୍ରଦାନ କରିଛନ୍ତି । ଏହି ତାଲିମ ର ମୁଖ୍ୟ ଉଦେଶ୍ୟ ବର୍ଷକ ଭିତରେ ଜଣେ ମହିଳା କିପରି ଲକ୍ଷ ପତି ହୋଇ ପାରିବେ ସେ ନେଇ ବିଭିନ୍ନ କୃଷି ବ୍ୟବସାୟ ସହ ସରକାର ଙ୍କ ଏମ୍.ଏ,ସେମି ଯୋଜନା ରେ ବିଭିନ୍ନ ତାଲିମ ପ୍ରଦାନ କରାଯାଉ ଛି। ଏହି ଶିବିର ରେ ପାଟଣା ବ୍ଲକର ୭ଟି ପଞ୍ଚାୟତ ର ସି.ଆର.ପି ଓ ଏମ.ବି.କେ ଦାୟିତ୍ୱ ରେ ଥିବା ୩୫ଜଣ ମହିଳା ଙ୍କୁ ତାଲିମ୍ ପ୍ରଦାନ କରାଯାଇଛି ।

# ଦୁର୍ବଳ ଜିମ୍ବାୱେଠୁ ହାରିଲା ଭାରତ

ହରାରେ,୬।୭(ଏଜେନ୍ସି): ଜିମ୍ବାୱେ ଠାରୁ ଅପ୍ରତ୍ୟାଶିତ ଭାବେ ହାରି ଯାଇଛି ଟିମ ଇଣ୍ଡିଆ। ଶୁବମନ ଗିଲ୍‌ଙ୍କ କ୍ୟାପ୍ଟେନ୍ସିରେ ହରାରରେ ମ୍ୟାଚ୍ ଖେଳୁଥିବା ଭାରତୀୟ ଟିମ ୧୩ ରନରେ ଜିମ୍ବାୱେ ଠାରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ମାତ୍ର ୧୧୫ ରନ କରିଥିଲା।ହେଲେ ଭାରତୀୟ ଟିମ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୦୨ ରନ କରିଛି। ଅଧିନାୟକ ଗିଲ ସର୍ବାଧିକ ୩୧ ରନ, ୱାଶିଂଟନ ସୁନ୍ଦର ୨୭ ରନ ଓ ଆବେଶ ଖାନ ୧୬ ରନ କରିବାକୁ ସକ୍ଷମ ହୋଇଛନ୍ତି।ଏହି ୩ ଜଣଙ୍କୁ ଛାଡ଼ି ଦେଲେ ଆଉ କୌଣସି ଭାରତୀୟ ବ୍ୟାଟର ଦୁଇ ଅଙ୍କ ଛୁଇଁ ମାରି ନାହାନ୍ତି।

ଆଜି ଭାରତ ପାଇଁ ଡେବ୍ୟୁ କରିଥିବା ଅଭିଷେକ ଶର୍ମା ଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ସେହିପରି ଅନ୍ୟ ଦୁଇ ଡେବ୍ୟୁଟାଣ୍ଟ ରିୟାନ ପରାଗ ୨ ରନ ଓ ଧ୍ରୁବ ଜୁରେଲ କେବଳ ୭ ରନ କରିଛନ୍ତି। ଗିଲ୍‌ଙ୍କ କ୍ୟାପ୍ଟେନ୍ସିରେ ପ୍ରଥମଥର ପାଇଁ ଭାରତୀୟ ଟିମ ଟି-୨୦ ଖେଳୁଥିବା ବେଳେ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ସେହିପରି ୫ ଟିକିଆ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଜିତି ସିକନ୍ଦର ରାଜାଙ୍କ ଜିମ୍ବାୱେ ୧-୦ରେ ଆଗୁଆ ହୋଇଯାଇଛି।



ରବି ବିଷ୍ଣୋଇ ୪ ଓଭରରେ ୧୩ ରନ ଦେଇ ୪ ୱିକେଟ ଦଖଲ କରିବାରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଜିମ୍ବାୱେ ୧୧୫ ରନରେ ଅଟକି ଯାଇଥିଲା। ଲାଗୁଥିଲା ଭାରତ ବେଶ ସହଜରେ ମ୍ୟାଚ୍‌କୁ ଜିତି ନେବେ। ହେଲେ ଆରମ୍ଭରୁ ହିଁ ଦଳ ୱିକେଟ ହରାଇ ଚାଲିଥିଲା। ଅଭିଷେକ ଶର୍ମା(୦), ଋତୁରାଜ ଗାଏକ୍‌ୱାଡ(୭), ରିୟାନ ପରାଗ(୨), ରିଙ୍କୁ ସିଂହ(୦), ଜୁରେ(୭) ସମସ୍ତଙ୍କୁ ନିରାଶ କରିଥିଲେ। ଦଳ ୪୩ ରନରେ ୫ମ ୱିକେଟ ହରାଇଥିଲା। ଅଧିନାୟକ ଗିଲ ଭଲ ଲୟରେ ଥିଲେ ହେଁ ସେ କେବଳ ୩୧ ରନ କରି ରାଜାଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ରବି ବିଷ୍ଣୋଇ(୯) ରାଜାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ୱାଶିଂଟନ ସୁନ୍ଦର ଗୋଟିଏ ପଟେ ଥିଲେ ହେଁ ପ୍ରଥମେ ଆବେଶ ଖାନ(୧୬) ପରେ ମୁକେଶ କୁମାର(୦) ପାଭିଲିୟନ ଫେରିଥିଲେ। ତଥାପି ୱାଶିଂଟନ କିଛି ବଡ଼ ଶଟ ଖେଳି ମ୍ୟାଚ୍‌କୁ ଶେଷ ଓଭରକୁ ଆଣିଥିଲେ।

ଶେଷ ଓଭରରେ ୧୬ ରନ ଦରକାର ଥିଲେ ହେଁ ତେଣ୍ଡାଇ ଚତାରା ବଡ଼ ଶଟ ଖେଳିବା ପାଇଁ ୱାଶିଂଟନକୁ ସୁଯୋଗ ଦେଇ ନଥିଲେ ଶେଷ ଓଭରର ୫ମ ବଲରେ ୱାଶିଂଟନ ଆଉଟ ହେବା ସହ ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା।

ହରାରେ ଖେଳା ଯାଉଥିବା ପ୍ରଥମ ଟି-୨୦ରେ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ଟସ୍ ହାରି ଯାଇଥିଲେ ଗିଲ ତାଙ୍କ ପ୍ରଥମ କ୍ୟାପ୍ଟେନ୍ସିରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆରମ୍ଭରୁ ହିଁ ଜିମ୍ବାୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଖାତା ଖୋଲିବା ପୂର୍ବରୁ ଇନୋସେଣ୍ଟ କାଇଆ ଦ୍ରୁତ ବୋଲର ମୁକେଶ କୁମାରଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ତେବେ ଦ୍ୱିତୀୟ ୱିକେଟ ପାଇ ବ୍ରାଏନ ବେନେଟ(୨୩) ଓ ସେଲେ ମାଧେଭେରେ(୨୧) ୩୪ ରନ ଯୋଡ଼ିଥିଲେ। କିନ୍ତୁ ରବି ବିଷ୍ଣୋଇ ଏମାନଙ୍କୁ ଆଉଟ କରି ଜିମ୍ବାୱେର ସବୁ ଆଶାରେ ପାଣି ପକାଇ ଦେଇଥିଲେ। ଏହାପରେ ଆଉ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ସାମ୍ନା କରି ପାରି ନଥିଲେ। ବିଷ୍ଣୋଇଙ୍କ ସହ ତାଳ ଦେଇ ୱାଶିଂଟନ ସୁନ୍ଦର ମଧ୍ୟ ନିଜର ଦମ ଦେଖାଇଥିଲେ। ଅଧିନାୟକ ସିକନ୍ଦର ରାଜା(୧୭) ଓ ଡିଅନ ମେୟର୍ସ(୨୩) କିଛି ସମୟ ପାଇଁ ଲଢ଼ିଥିଲେ ହେଁ କିଛି ବି ଲାଭ ହୋଇ ନଥିଲା ଉଭୟଙ୍କ ୱିକେଟ ଯଥାକ୍ରମେ ଆବେଶ ଖାନ ଓ ୱାଶିଂଟନ ସୁନ୍ଦର ନେଇଥିଲେ। ଏହାପରେ ଜୋନାଥନ କାମ୍ପବେଲ ପ୍ରଥମ ବଲରେ ରନ ଆଉଟ ହୋଇଥିଲେ। ୱେଲିଂଟନ ମାସାକାଜା(୦)ଙ୍କୁ ଧ୍ରୁବ ଜୁରେଲଙ୍କ ହାତରେ ୱାଶିଂଟନ ଷ୍ଟମ୍ପିଂ କରାଇ ଦେଇଥିଲେ ଲୁକେ ଜୋଙ୍ଗ୍(୧) ଓ ବ୍ଲେସିଂ ମୁଜାରାବାନି(୦)ଙ୍କୁ ବିଷ୍ଣୋଇ ଆଉଟ କରି ଜିମ୍ବାଙ୍କୁ ୯ମ ଝଟକା ଦେଇଥିଲେ।

## ଜିମ୍ବାୱେ ୧୧୫/୯, ଭାରତ ୧୦୨

କ୍ଲାଇଭ୍ ମାଦାଣ୍ଡେ ଶେଷ ଯାଏ ଅପରାଜିତ ରହି ୨୯ ରନ କରିବାରୁ ଜିମ୍ବାୱେ ୯ ୱିକେଟ ହରାଇ ୧୧୫ ରନ କରିବାକୁ ସକ୍ଷମ ହୋଇଥିଲା ତଣ୍ଡୋଇ ଚତାରା ୯ ବଲର ସମ୍ମୁଖୀନ ହୋଇଥିଲେ ହେଁ କୌଣସି ରନ କରି ନାହାନ୍ତି। ଭାରତ ପକ୍ଷରୁ ବିଷ୍ଣୋଇ ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ୱାଶିଂଟନ ୨ଟି, ଆବେଶ ଖାନ ଓ ମୁକେଶ କୁମାର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ଏକମାତ୍ର ବୋଲର ଭାବେ ଖଲୀନ ଅହମଦ ୱିକେଟ ପାଇ ନାହାନ୍ତି ଅଭିଷେକ ଶର୍ମା ୨ ଓଭର ବୋଲିଂ କରି ୧୭ ରନ ଦେଇଛନ୍ତି।

# ୧୫ ବର୍ଷ ଭିତରେ ରୋହିତଙ୍କୁ ଏମିତି ଭାବବିହ୍ୱଳ ଦେଖିନି : କୋହଲି

**ମୁମ୍ବାଇ,୬।୭(ଏଜେନ୍ସି):** ୧୭ ବର୍ଷ ପରେ ଭାରତ ଦ୍ୱିତୀୟ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ପରେ ଅଧିନାୟକ ରୋହିତ ଶର୍ମା ଭାବବିହ୍ୱଳ ହୋଇଯାଇଥିଲେ ଖୁସିରେ ଆତ୍ମହରା ହୋଇଯାଇଥିଲେ। ବାର୍ବାଡସ୍ ପିଚ୍‌ର ମାଟିକୁ ଖାଇବାକୁ ମଧ୍ୟ ପଛାଇ ନଥିଲେ। ଦିନରାତି ସେ ବିଜୟ ଉତ୍ସବ ପାଳିଥିଲେ ୧୫ ବର୍ଷ ଧରି ରୋହିତଙ୍କ ସହ ବିରାଟ କୋହଲି ମଧ୍ୟ ଡ୍ରେସିଂ ରୁମ୍ ବାଣ୍ଟି ଆସୁଛନ୍ତି। କିନ୍ତୁ ଏହି ଦିନଗୁଡିକ ଭିତରେ କେବେବି ରୋହିତଙ୍କୁ ସେ ଏତେ ଭାବବିହ୍ୱଳ ହୋଇଥିବା ଦେଖି ନଥିଲେ ବୋଲି କୋହଲି କହିଛନ୍ତି ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ହୋଇଥିବା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୋହଲି ଏହା କହିଥିଲେ କୋହଲି କହିଥିଲେ, ଆମେ ଯେତେବେଳେ କେସିଙ୍ଗଟନ୍ ଓଭାଲ୍‌ର ପାହାଚ ଚଢୁଥିଲୁ, ରୋହିତ ଓ ମୋ ଆଖିରେ ଲୁହ ଆସିଯାଇଥିଲା।



ଏହା ଆମ ଦୁଇ ଜଣଙ୍କ ପାଇଁ ସ୍ୱତନ୍ତ୍ର ମୁହୂର୍ତ୍ତ ହୋଇରହିବ ବିଶ୍ୱକପ୍ ଶେଷ ହେବା ପରେ ରୋହିତ ଓ କୋହଲିଙ୍କ ସହ ରବୀନ୍ଦ୍ର ଜାଡ଼େଜା ମଧ୍ୟ ଟ୍ୱେଣ୍ଟି-୨୦ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଏହା ଉପରେ ସେ କହିଛନ୍ତି, ରୋହିତ ଓ ମୁଁ ଦଳର ଭାର ନିଜ କାନ୍ଧରେ ବୋହିଥିଲୁ ଓ ୱାଙ୍ଖେଡ଼େକୁ ଟ୍ରଫି ଆଣିପାରିବା ଭଳି ଖୁସି ଆଉ କିଛି ହୋଇ ନପାରେ ତେଣୁ ପରବର୍ତ୍ତୀ ପିଢ଼ିଙ୍କୁ ଏବେ ଦାୟିତ୍ୱ ଗ୍ରହଣ କରିବା ସମୟ ଆସିଛି। ଯେତେବେଳେ ୨୦୧୧ରେ ଭାରତ ବିଶ୍ୱବିଜେତା ହୋଇଥିଲା, ସେତେବେଳେ ଦଳର ବରିଷ୍ଠ ଖେଳାଳିଙ୍କ ଭାବାବେଗ ସହ ନିଜକୁ ଯୋଡ଼ିପାରି ନଥିଲେ। ସେମାନେ କାହିଁକି କାନ୍ଦୁଥିଲେ ବୁଝିପାରୁ ନଥିଲି ମୋ ପାଇଁ ତାହା କେବଳ ବିଶ୍ୱକପ୍ ଜିତିବା ଏକ ସାଧାରଣ କଥା ଭଳି ଥିଲା। କିନ୍ତୁ ଏବେ ଭିନ୍ନ ଭାବନା ଅନୁଭୂତ ହେଉଛି। କେବଳ ମୁଁ ନୁହେଁ, ରୋହିତଙ୍କ ସହ ମଧ୍ୟ ଏତେ ଦିନ ଧରି ଖେଳି ଆସୁଛୁ ଓ ପୁଣି ଥରେ ବିଶ୍ୱକପ୍ ଜିତିବା ପାଇଁ ଚେଷ୍ଟା କରିଆସୁଥିଲୁ। ଏଥିସହ ଭାରତକୁ ବିଶ୍ୱକପ୍ ଜିତାଇବାରେ ଯଶପ୍ରୀତ୍ ବୁମ୍ରାଙ୍କ ମଧ୍ୟ ବଡ଼ ଭୂମିକା ରହିଥିବା କୋହଲି କହିଥିଲେ।

## ଡେବ୍ୟୁ କଲେ ରିୟାନ, ଜୁରେଲ ଓ ଅଭିଷେକ

ନୂଆଦିଲ୍ଲୀ,୬।୭: ଜିମ୍ବାୱେ ବିପକ୍ଷ ସିରିଜରେ ଭାରତ ପାଇଁ ୩ ଜଣ ଯୁବ ପ୍ରତିଭା ଡେବ୍ୟୁ କରିଛନ୍ତି। ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଓପନ କରୁଥିବା ଅଭିଷେକ ଶର୍ମା, ରାଜସ୍ଥାନ ରୟାଲ୍‌ସର ଧ୍ରୁବ ଜୁରେଲ ଓ ରିୟାନ ପରାଗ ଭାରତ ପାଇଁ ପ୍ରଥମଥର ଟି-୨୦ ମ୍ୟାଚ୍ ଖେଳିବାକୁ କ୍ୟାପ୍ ପାଇଛନ୍ତି। ଆଇପିଏଲର ପ୍ରଦର୍ଶନ ଆଧାରରେ ଏମାନଙ୍କୁ ଭାରତୀୟ ଟିମରେ ସୁଯୋଗ ମିଳିଛି।

# ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି କାର୍ଯ୍ୟ କରୁଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୬।୭(ଏଜେନ୍ସି): ଚଳିତ ମାସ ୨୬ରୁ ପ୍ୟାରିସ୍‌ରେ ଆରମ୍ଭ ହେବାକୁ ଯାଉଛି ଅଲିମ୍ପିକ୍ସ ଏହି ପ୍ରତିଯୋଗିତା ଲାଗି ସେଠାକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖେଳାଳିମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଭାରତୀୟ ହକି ଦଳ, ବନ୍ଧୁକଚାଳକ, ମୁଷ୍ଟିଯୋଦ୍ଧା ଏବଂ ଟ୍ରାକ୍ ଆଣ୍ଡ ଫିଲ୍ଡର ତାରକା ନୀରଜ ଚୋପ୍ରା ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମୋଦୀ କହିଥିଲେ, ଆମେ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାର ଆଶା ରଖିଛୁ।ଯାହାଚ କ୍ରୀଡ଼ା ପରିବେଶ ସୃଷ୍ଟି କରିବାର ସାହାଯ୍ୟ କରିବ। ଭିତ୍ତିଭୂମି ପ୍ରସ୍ତୁତ ଲାଗି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ତୁମର ଖେଳ ବେଳେ କିଛି କହିବିନି। ଯେତେବେଳେ ତୁମେମାନେ ଫେରି ଥିବ ସେତେବେଳେ ପ୍ୟାରିସ୍‌ର ଆୟୋଜନକୁ ନିରୀକ୍ଷଣ କରିବ ଏବଂ ଏହାର ଅଭିଜ୍ଞତା ଆମକୁ ବାଣ୍ଟିବ ଯାହା ୨୦୩୬ ବିଡ୍ ଲାଗି ସହଯୋଗ କରିବ ଭଳରେ ଆୟୋଜନ କରିବା ଲାଗି ସହଯୋଗ କରିବ। ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ଗତ ଥରଠୁ ଭଲ କରିବାକୁ ଆଶା ରହିଛି। ଟୋକିଓରେ ଚୋପ୍ରାଙ୍କ ଜାଭେଲିନ ସ୍ୱର୍ଣ୍ଣ ସହ ୭ ପଦକ ଜିତିଥିଲା। ଭାରତରୁ ୧୦୦ରୁ ଅଧିକ କ୍ରୀଡ଼ାବିତ୍ ପ୍ୟାରିସ୍ ଟିକେଟ ନିଶ୍ଚିତ କରିଛନ୍ତି। ମୋଦୀ ଖେଳାଳିମାନଙ୍କ ମନୋବଳ ବଢ଼ାଇବାକୁ କହିଥିଲେ ଯେ ଅଲିମ୍ପିକ୍ସ ମହତ୍ୱରେ ହଜିଯାଅନି, କାରଣ ଏହା ତୁମକୁ ଲକ୍ଷ୍ୟଭ୍ରଷ୍ଟ କରିବ। ତୁମମାନଙ୍କ ପ୍ରତିଭା ଉପରେ ଆମର ଭରସା ଅଛି। କେବଳ ପ୍ରତିଯୋଗିତା ଉପରେ ଲକ୍ଷ୍ୟ ରଖ। ଯାହା ତୁମକୁ ଫଳ ଦେବ। ପଦକ ଜିତ କି ନ ଜିତ, ତାହା ସମସ୍ୟା ନୁହେଁ, କେବଳ ୧୦୦ ପ୍ରତିଶତ ଦେବା ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାରେ ଅଭ୍ୟାସ ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହା ସହ ଶୋଇବା କିମ୍ବା ବିଶ୍ରାମକୁ ମଧ୍ୟ ସମାନ ପ୍ରାଧାନ୍ୟ ଦେବା ଆବଶ୍ୟକ। ସବୁଜାଗାରେ ଭଲ ନିଦ୍ରା ହିଁ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଶୋଇବାରେ ସାଲିସ୍ କରନି।ଏହା ଚାପରୁ ମୁକ୍ତ କରିଥାଏ। ଆମେ ତୁମମାନଙ୍କୁ ସର୍ବୋତ୍ତମ ସୁବିଧା ଯୋଗାଇବାକୁ ଚେଷ୍ଟା କରିଛୁ। ସମସ୍ତଙ୍କୁ ଶୁଭକାମନା। ପ୍ୟାରିସ୍‌ରୁ ଫେରିବା ପରେ ଲାଲ୍‌କିଲ୍ଲାରେ ହେବାକୁ ଥିବା ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ କରୁଛି।



# ଓଡ଼ିଶା କ୍ରିକେଟ୍ ଲିଗ୍: ଚିତାସ୍, ପୁମାସ୍ ବିଜୟୀ

କଟକ,୬।୭: ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା କ୍ରିକେଟ୍ ଲିଗ୍‌ରେ ଓଡ଼ିଶା ଚିତାସ ଓ ଓଡ଼ିଶା ପୁମାସ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଚିତାସ୍ ୧ ରନ୍‌ରେ ଓଡ଼ିଶା ପାନ୍ଥର୍ସକୁ ପରାସ୍ତ କରିଛି। ଚିତାସ୍ ୭ ୱିକେଟ୍ ହରାଇ ୧୬୭ ରନ୍ କରିଥିଲା ଚିତାସ୍‌ର ଶ୍ରେୟାଂସ ଭରଦ୍ୱାଜ ୩୮ ବଲ୍‌ରୁ ୫୩ ରନ୍ କରିଥିଲେ। ଜବାବରେ ପାନ୍ଥର୍ସ ଦଳ ୧୫ ଓଭରରେ ୭ ୱିକେଟ୍ ହରାଇ ୧୨୭ ରନ୍ କରିବାକୁ ସକ୍ଷମ ହୋଇଥିଲା ପାନ୍ଥର୍ସର ରଘୁନାଥ ମୁଳିଆ ୨୭ ବଲ୍‌ରୁ ୪୪ ରନ୍ କରିଥିଲେ। ଚିତାସ୍‌ର ଶ୍ରେୟାଂସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା ଓସିଏ ସଭ୍ୟ ସଂଗ୍ରାମ କେଶରୀ ଗୁମାନସିଂହ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।




ଦ୍ୱିତୀୟ ମ୍ୟାଚ୍‌ରେ ପୁମାସ୍ ୫ ୱିକେଟ୍‌ରେ ଓଡ଼ିଶା ଜାଗୁଆର୍ସକୁ ପରାସ୍ତ କରିଛି ଜାଗୁଆର୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୯୮ ରନ୍ କରିଥିଲା। ସମ୍ବିତ ବରାଳ ୨୭ ରନ୍ କରିଥିଲା ବେଳେ ରାଜେଶ ମହାନ୍ତି ୪ ୱିକେଟ୍ ନେଇଥିଲେ ଜବାବରେ ଓଡ଼ିଶା ପୁମାସ୍ ୧୫.୧ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ସ୍ୱସ୍ତିକ ସାମଲ ୨୬ ବଲ୍‌ରୁ ୪୨ ରନ୍ କରିଥିଲେ। ରାଜେଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓସିଏ ସଭ୍ୟ ସତବୀର ସିଂହ ରିଆର ପ୍ରଦାନ କରିଥିଲେ।




ଜୟ ଜଗନ୍ନାଥ

ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ

ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ମହାପ୍ରଭୁଙ୍କ ଅପାର କରୁଣା ଲାଭ କରି ଆମ ରାଜ୍ୟ ପ୍ରତିଟି କ୍ଷେତ୍ରରେ ବିକାଶର ଶୀର୍ଷକୁ ପହଞ୍ଚୁ ଏବଂ ସମସ୍ତଙ୍କ ସହଭାଗିତାରେ ନୂତନ ସମୃଦ୍ଧ ଓଡ଼ିଶା ଗଠନ ହେଉ, ଏତିକି ପ୍ରାର୍ଥନା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀକ୍ଷେତ୍ର ପୁରୀରୁ ପବିତ୍ର ରଥଯାତ୍ରାର ସିଧା ପ୍ରସାରଣ

| | | | | | |
|---|---|---|---|---|---|
| ୭ ଜୁଲାଇ ୨୦୨୪ | ୮ ଜୁଲାଇ ୨୦୨୪ | ୧୫ ଜୁଲାଇ ୨୦୨୪ | ୧୭ ଜୁଲାଇ ୨୦୨୪ | ୧୮ ଜୁଲାଇ ୨୦୨୪ | ୧୯ ଜୁଲାଇ ୨୦୨୪ |
| ରବିବାର | ସୋମବାର | ସୋମବାର | ବୁଧବାର | ଗୁରୁବାର | ଶୁକ୍ରବାର |
| ଶ୍ରୀଗୁଣ୍ଡିଚା ଯାତ୍ରା | ଆଡ଼ପ ବିଜେ | ବାହୁଡ଼ା ଯାତ୍ରା | ସୁନାବେଶ | ଅଧରପଣା | ନୀଳାଦ୍ରି ବିଜେ |

(ନୀତି ନିର୍ଦ୍ଧାରଣ ଅନୁସାରେ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ଦିନ ପହଣ୍ଡି ନୀତିଠାରୁ ଏବଂ ଅନ୍ୟାନ୍ୟ ଦିବସରେ ଅପରାହ୍ନରେ ସିଧା ପ୍ରସାରଣ କରାଯିବ )

ଦୂରଦର୍ଶନ, ଭୁବନେଶ୍ୱର ସୌଜନ୍ୟରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ସହାୟତାରେ ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମରେ ସିଧା ପ୍ରସାରଣ ଉପଲବ୍ଧ ହେବ ।

- ତା.୦୬.୦୭.୨୦୨୪ ରୁ ତା.୧୫.୦୭.୨୦୨୪ ପର୍ଯ୍ୟନ୍ତ ଭୋଳାନାଥ ବିଦ୍ୟାପୀଠ, ପୁରୀଠାରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ।
- ତା.୦୮.୦୭.୨୦୨୪ ରୁ ତା.୧୪.୦୭.୨୦୨୪ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚ, ଗୁଣ୍ଡିଚାବାଡ଼ି ଠାରେ ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

@IPR_Odisha IPR Odisha IPR Odisha

OIPR-15001/13/0045/2425 DADLS-14

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ